ମାସିକ ଇ-ପତ୍ରିକା

AMARISATYA
Estd.: 2006
ODISHA

# ଆମ କବିତା

ପ୍ରଥମ ବର୍ଷ । ଦଶମ ସଂଖ୍ୟା । ଅକ୍ଟୋବର ୨୦୨୨



# ଆମ କବିତା


**ମାର୍ଗଦର୍ଶକ**
ଡ. ପ୍ରମୋଦ ଚନ୍ଦ୍ର ଦାଶ

**ଉପଦେଷ୍ଟା ମଣ୍ଡଳୀ**
ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ
ନିଶିକାନ୍ତ କହଲସିଂହ

**ସମ୍ପାଦକ**
ସମରଜିତ ପଟ୍ଟନାୟକ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**
ବାବାଜୀ ଜେନା
ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଇ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
ପ୍ରୀତମ ବଳିୟାରସିଂହ




ସରିଲା ପାର୍ବଣ..... ମହାପାର୍ବଣ.....
ଦେବୀ ଦୁର୍ଗା.....ଦେବୀ ଗଜଲକ୍ଷ୍ମୀଙ୍କର.....
ପୂଜା ସରିଲା ମହା ଆଡ଼ମ୍ବରରେ.....,
ପୁଣି ଭଳିଭଳି ତୋରଣ....ଆଉ-
ଚାନ୍ଦିମେଢ଼ର ଅଲୋଡା ପ୍ରତିଯୋଗିତା....
ଭସାଣୀରେ ସେଇ ଚିରାଚରିତ ପଟୁଆର...
ଦୟନୀୟ ଭାବେ ଦେବୀ ମାନଙ୍କର ବିସର୍ଜନ....
ଦେଖିଲେ ଲାଗେ ଦୁଃଖ...... ସତରେ-
ଏତେ ଆଡ଼ମ୍ବରର ଏଇ କ'ଣ ଅନ୍ତିମ ପରିଣାମ !
ଆଶ୍ଚର୍ଯ୍ୟ ଲାଗେ ଏ ପୂଜାବିଧି......
ସେଇ ସମାନ ରୂପ.....ସମାନ ରଙ୍ଗ.......
ସମାନ ଅବୟବ......ସମାନ ଅସ୍ତ୍ରସଜ୍ଜିତା.....
ସମାନ ବସ୍ତ୍ର ପରିହିତା ଦେବୀ..........
କାଲି ଥିଲେ ବନ୍ଦିତା......ଆଜି ପରିତ୍ୟକ୍ତା.....
ସତରେ ଏମିତି କ'ଣ ହୋଇପାରେ........?


ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

ଆମ କବିତା

ଅକ୍ଟୋବର
୨୦୨୨


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଆସିଛି ଏ ରାତି.... | ସୁକାନ୍ତି ମିଶ୍ର | ୫ |
| ୨. | ପ୍ରେମ ଧାରା | ଆଶୁତୋଷ ମେହେର | ୬ |
| ୩. | ଦେଶ | ପୂର୍ଣ୍ଣ ଦାସ | ୬ |
| ୪. | ଦେଇଥିଲି ତତେ ଅନେକ କଥା | ତାରାପ୍ରସାଦ ଜେନା | ୭ |
| ୫. | ଋତୁ ସମ୍ଭାର | ଜିତେନ୍ଦ୍ର ଜଗଦେବ | ୭ |
| ୬. | ତମ ସ୍ମୃତିର ସହର | ଦିବାକର ନାୟକ | ୮ |
| ୭. | ସୁନେଲୀ ରୂପେଲୀ | ବାସନ୍ତୀ ଦାସ | ୯ |
| ୮. | କରୁଣାମୟୀ | ପ୍ରଜ୍ଞା ମହାନ୍ତି | ୧୦ |
| ୯. | ଶରତ ଆସିଛି ମରତେ | ରମେଶ ମଙ୍ଗରାଜ | ୧୧ |
| ୧୦. | ମହାମାୟୀ ଦୁର୍ଗେ | ହରିବନ୍ଧୁ ମଙ୍ଗରାଜ | ୧୧ |
| ୧୧. | ଆବେଗ | ଅଞ୍ଜଳି ଦାସ | ୧୨ |
| ୧୨. | ଏବେ ଏବେ ପାର୍ବଣ | ଡ. ରଜତ କୁମାର ଷଡଙ୍ଗୀ | ୧୨ |
| ୧୩. | କପାଳ ରେଖା | ଦେବୀ ପ୍ରଧାନ | ୧୩ |
| ୧୪. | ଶୂନ୍ୟତା | ଜୟନ୍ତୀ ସ୍ୱାଇଁ | ୧୩ |
| ୧୫. | ମାଆ ଦୁର୍ଗା | ରାଜାରାମ ବେହେରା | ୧୪ |
| ୧୬. | ଉତ୍କଳ ଉଜ୍ଜଳ ଶିଖା | ପ୍ରସନ୍ନ ମଣ୍ଡଳ | ୧୫ |
| ୧୭. | ବିଜୟା ! | ସ୍ୱପନ କୁମାର ଘୋଷ | ୧୬ |
| ୧୮. | ପ୍ରଜାତନ୍ତ୍ରର ପ୍ରାଚୁର୍ଯ୍ୟତା | ବାପିନି ସିଂ | ୧୭ |
| ୧୯. | ମୋ' ସରଗ ପରି | ଦେବରାଜ୍ ରଣା | ୧୮ |
| ୨୦. | ଉଜୁଡ଼ା ଜୀବନ | ସୁରଞ୍ଜନ ପାତ୍ର | ୧୮ |
| ୨୧. | ପରିମାପକ | ଶୈଳେନ୍ଦ୍ର ନାରାୟଣ ବେହେରା | ୧୯ |
| ୨୨. | ଶରତ ଛୁଆଁ ରେ ଆସିଛନ୍ତି ମା' | ଡା: ବିଧୂତ୍ ଶେଖର ମିଶ୍ର | ୨୦ |
| ୨୩. | ଶରତର ସ୍ୱାଗତିକା | ସୁଜିତ୍ କୁମାର ମିଶ୍ର | ୨୧ |
| ୨୪. | ମାଆ ଆସୁଛି | ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ | ୨୨ |
| ୨୫. | ଶରତ | ବିନୟ ମିଶ୍ର | ୨୨ |
| ୨୬. | ଜାଣିଛ କି କେହି | ସୁମିତା ବେହେରା ବାପି | ୨୩ |
| ୨୭. | ଆଜି ଦଶହରା | ଇତିଶ୍ରୀ ସାହୁ | ୨୩ |

ଆମ କବିତା

ଅକ୍ଟୋବର
୨୦୨୨


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ଶରତ ବର୍ଣ୍ଣନା | କୃଷ୍ଣପ୍ରିୟା ମହାପାତ୍ର | ୨୪ |
| ୨୯. | ଯା' ଦେବୀ ସର୍ବେଭୂତେଷୁ | ଛବିରାଣୀ ପତି | ୨୫ |
| ୩୦. | ଶରତ ସନ୍ଧ୍ୟା | ଗାୟତ୍ରୀ ବେହୁରା | ୨୬ |
| ୩୧. | ଶ୍ୱେତାଙ୍ଗୀ ଶରତ | ସ୍ମୃତି ରଞ୍ଜନ ପାତ୍ର | ୨୭ |
| ୩୨. | ଚିତ୍ର | ଜ୍ୟୋତିପ୍ରଭା ପଟ୍ଟନାୟକ | ୨୮ |
| ୩୩. | ଅହ୍ୟ ସୁଲକ୍ଷଣୀ | ସୁରେଶ ଚନ୍ଦ୍ର ରଥ | ୨୯ |
| ୩୪. | ପ୍ରେମର ପ୍ରତୀକ (ତାଜମହଲ) | ଅକ୍ଷୟ ମହାନ୍ତି | ୩୦ |
| ୩୫. | କ୍ରୋଧ ରାକ୍ଷସ | ସୂର୍ଯ୍ୟକାନ୍ତି ଦାଶ | ୩୨ |
| ୩୬. | ଦେବଭୂମି ଉତ୍ତରାଖଣ୍ଡ | ବୀଣାପାଣି ଦେବୀ | ୩୩ |
| ୩୭. | କାର୍ତ୍ତିକ ମାସ | କାହ୍ନୁ ଚରଣ ମିଶ୍ର | ୩୪ |
| ୩୮. | ଫେରି ଆସନ୍ତା କି ସେ ପିଲାଦିନ | ନୀହାରିକା ପଣ୍ଡା | ୩୫ |
| ୩୯. | କୁମାର ପୂର୍ଣ୍ଣିମା | ବାସନ୍ତୀ ଦେଈ | ୩୬ |
| ୪୦. | ମାଆ ଆସୁଛି | ସତ୍ୟନାରାୟଣ ସିଂହ | ୩୭ |
| ୪୧. | ମା' ଜଗତଜନନୀ ଆଦିଶକ୍ତି | ଶ୍ରୀ ପ୍ରଭୁ ଚରଣ ପତି | ୩୭ |
| ୪୨. | ଆନନ୍ଦ ମାର୍ଗ | ପଦ୍ମନାଭ ପାଣିଗ୍ରାହୀ | ୩୮ |
| ୪୩. | ମାଆ ମୋତେ ଚାହିଁ ଦିଅ | ବାବାଜୀ ଚରଣ ଜେନା | ୩୮ |
| ୪୪. | ଆଶା ଓ ନିରାଶା | ସାରଙ୍ଗଧର ଷଡ଼ଙ୍ଗୀ | ୩୯ |
| ୪୫. | ଦେଖୁଥିବା କିଛି ସ୍ୱପ୍ନ | ତ୍ରିଲୋଚନ ଦାସ | ୩୯ |
| ୪୬. | ଦୀପ | ଯମେଶ୍ୱର କହଲସିଂହ | ୪୦ |
| ୪୭. | ତୁମ ବିନା | ନିଶିକାନ୍ତ କହଲସିଂହ | ୪୧ |


## ବିଶେଷ ସୂଚନା

ସମ୍ମାନୀୟ କବି ଓ କବୟତ୍ରୀମାନଙ୍କୁ ବିନମ୍ର ଅନୁରୋଧ, 'ଆମ କବିତା' ର ପରବର୍ତ୍ତୀ ମାସିକ ସଂକଳନ ପାଇଁ ଆପଣମାନେ କବିତା ୱାଟସଆପରେ ପଠାଇବା ସହିତ 'ଆମରି ସତ୍ୟ'ର ୟୁଟ୍ୟୁବ ଚାନେଲ ପାଇଁ ନିଜସ୍ୱ ମୁଖରେ କବିତା ପାଠର ଭିଡିଓ କରି ଆମର ଟେଲିଗ୍ରାମ(୯୪୩୭୨୮୧୬୫୫)ରେ ପଠାଇବା ପାଇଁ ଚେଷ୍ଟା କରନ୍ତୁ । ଉକ୍ତ ଭିଡିଓରେ ଯଦି କିଛି ତ୍ରୁଟି ଥାଏ ତାକୁ ଆପଣଙ୍କ ଅନୁମତିରେ ସମ୍ପାଦନ କରାଯିବ ।

# ଆସିଛି ଏ ରାତି....



**ସୁକାନ୍ତି ମିଶ୍ର**

ଏ ରାତି ଆସିନି
ଚଉରାମୂଳରେ
        କୋଠିତୋଳି ଜହ୍ନିଫୁଲେ
ଏ ରାତି ଆସିନି
ହଜି ହଜେଇବ
        ତାରାଫୁଲ ପଟୁଆରେ.....

ଏ ରାତି ଆସିନି
ଗାଇବାକୁ ସେହି
        ବଉଳବେଣୀର ଗୀତ
ଏ ରାତି ଆସିନି
ଚାନ୍ଦ ଖାଇ ଲୁଚି
        ପୁଚି ଖେଳିବାକୁ ମିତ....

ଏ ରାତି ଆସିନି
ନୂଆ ଲୁଗା ଧରି
        ପୁନେଇଁ ସଙ୍ଖୁଳା ନେଇ
ଏ ରାତି ଆସିନି
ଅଳପ ଅଳପ ହସି
        ସାଥୀ ଆଡେ ଚାହିଁ....

ଏ ରାତି ଆସିନି
କୁରେଇ ଫୁଲରେ
        ଜୁଡା ବାନ୍ଧି ସରାଗରେ.
ଏ ରାତି ଆସିନି
ହାତେ ହାତ ଛନ୍ଦି
        ବୁଲି ଗାଆଁ ନଈକୂଳେ.....

ଏ ରାତି ଆସିଛି
ଶୁଣେଇବ ଆଜି
        ଆମେ ନ ଥିବାର ଲୋରୀ
ଏ ରାତି ଆସିଛି
ଛପିଛପି ଅବା
        କରିବାକୁ ମନ ଚୋରି.....

ନେହୁରା ହେଉଛି
ଫେରିଯାଅ ରାତି
        ଫେରିଯାଅ ତୁମେ ଦୂରେ
ଏ ମନେ ସାଇତା
ଜହ୍ନର ଦରଦ
        ଲୁଟ ନାହିଁ ନିଃଶବ୍ଦରେ.....

**ସମ୍ପର୍କ**
**ସାରସ୍ୱତ ନଗର, ସିଦ୍ଧମହାବୀର ପୁରୀ**

## ପ୍ରେମ ଧାରା



### ଆଶୁତୋଷ ମେହେର

ଗଭାକୁ ସୁନ୍ଦର ଗଜରା ମାଳୀଟେ
ଓଠକୁ ସୁନ୍ଦର ନାଲି,
ମନ ରସିଗଲେ ପ୍ରେମିକା ସୁନ୍ଦରୀ
ହେଉ ଗୋରୀ ଅବା କାଳି.....।।୦।।

ଫୁଲଟେ ଫୁଟିଲେ ପାଖୁଡ଼ା ମେଲାଇ
ବାସ ଛୁଟେ ଚଉଦିଗେ,
କାଳିଆ ଭଅଁର ଅଥୟ ବିକଳ
ଘୁରି ବୁଲେ ଆଗ ଦିଗେ,
ପରଜାପତି ବି ରଙ୍ଗ ଡେଣା ଝାଡ଼ି
ପାଖେ ଘୁରୁଥାଏ ବୁଲି.....।।୧।।

ଓଠ ଥରୁଥାଏ କହି ବୁଲିବାକୁ
ହୃଦୟ ତଳର ଭାବ,
ନାଲି ରଙ୍ଗ ତା'ର ଗାଢ଼ ଦିଶୁଥାଏ
ଭୋଗୀ ପ୍ରେମ ଅନୁଭବ,
ଭାବ ଅନୁଭବ ଜବା ରଙ୍ଗ ଆଣି
ଦେହେ ଯାଉଥାଏ ଖେଳି......।।୨।।

ପ୍ରେମଟା ଶାଶ୍ୱତ ନନ୍ଦନକାନନ
ଚନ୍ଦନ ବାସନା ଭରା,
ହୃଦେ ଅନୁଭବୀ ଗଢି ତୋଳିଧରେ
ସ୍ୱର୍ଗୀୟ ମାଧୁରୀ ଧାରା,
ସେଇ ଧାରା ବହି ପ୍ରେମ ସାଗରରେ
ରଙ୍ଗ ଦେଉଥାଏ ବୋଳି.......।।୩।।

୫୪ ଆର୍ଯ୍ୟପଲ୍ଲୀ
କିଟ୍ ଛକ, ପଟିଆ, ଭୁବନେଶ୍ୱର

## ଦେଶ



### ପୂର୍ଣ୍ଣ ଦାସ

କିଏ କହିଲାଣି ଦେଶଟା ଦେଉଳ
କେ କହେ ପୁଣି ମାଟି,
ମାଟି ଦେହେ ଖେଳେ ମମତା ମହକ
ଫୁଲଫୁଟା ଜହ୍ନରାତି ।

ଦେଶ ନୁହେଁ ଜମା ଅବୋଲକରାର
ଗୋସେଇଁ ମଠର ଗପ,
ପକା କମ୍ବଳ, ପୋଓତ ଛତାରେ
କଟିଯାଏ କାଳଯାକ ।

ଦେଶ ମାଆ କୋଳ,ମାଣ୍ଡିଆ ଗହଳ
ଅଧା ଖରା ଅଧା ଛାଇ,
ନାନାବାୟା ଗୀତେ ମୁଦା ଆଖିପତା
ଅଳସ ଦେହର ହାଇ ।

ଦେଶ ଅନ୍ଧାରର ସୁଡ଼ଙ୍ଗ ଭିତରେ
ଆଲୁଅର ଆଖିପତା ,
କରୋନା ଛାତିରେ କରୁଣା ପୂରବୀ
ଜୀବନର ଇତିକଥା ।

ଦେଶ ନୁହେଁ କେବେ ବାରୁଦ ଗଦାର
ଭଙ୍ଗା ଡେଣା ପକ୍ଷୀ କୋହ,
ଦେଶ ବସନ୍ତର କଅଁଳ ସକାଳ
ମାଟି ମାଆ ପ୍ରୀତି ମୋହ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

# ଦେଇଥିଲି ତତେ ଅନେକ



ତାରାପ୍ରସାଦ ଜେନା

ଦେଇଥିଲି ତତେ ଅନେକ କଥା ମୁଁ
ସବୁ କି ଫେରାଇ ଦେବୁ
ମନ ଦେଇଥିଲି କାଲି କଥା ସିନା
ଆଜି କି ଭୁଲି ତୁ ଯିବୁ
.........ଦେଇଥିଲି ତତେ ଅନେକ କଥା ମୁଁ
ସବୁ କି ଫେରାଇ ଦେବୁ ।୦।

ସୁଖ ଦେଇଥିଲି ବୁଝିଲୁନି ଯାହା
ବାଧାକୁ ଦେଉଛୁ ଆଣି
ହସ ଫୁଲ ଦଳି ଶୂନ୍ୟ ଆଞ୍ଜୁଳାରେ
ଭରିଲୁ ଆଖିର ପାଣି
ଏଡ଼େ ନିରିମମ କେମିତିକା ଆହା
ଭଗ୍ୟର ଦଶା କି ହେବୁ
.........ଦେଇଥିଲି ତତେ ଅନେକ କଥା ମୁଁ
ସବୁ କି ଫେରାଇ ଦେବୁ ।୧।

ସପନର ଆଶା ମାରିଦେଲୁ ସତେ
ନିଜର ହୋଇଲୁ ପର
ବଞ୍ଚିବାର ମାୟା ଟିକକ ଛଡ଼ାଇ
ଭାଙ୍ଗିଲୁ ସରାଗ ଘର
ନେଇ ଜାଣିଥିଲୁ ଦେଇ ଜାଣିଲୁନି
ସୁଖର ଜିନିଷ ସବୁ
.........ଦେଇଥିଲି ତତେ ଅନେକ କଥା ମୁଁ
ସବୁ କି ଫେରାଇ ଦେବୁ ।୨।

ରାଜ ରଣପୁର, ନୟାଗଡ଼

# ଋତୁ ସମ୍ଭାର



ଜିତେନ୍ଦ୍ର ଜଗଦେବ

ବ୍ରହ୍ମା ସରଜିଲେ ଋତୁର ସମ୍ଭାର
ଏ ଧରା ଧାମକୁ ଆସି,
ସେ ସମ୍ଭାରେ ଦେଲେ, ଷଡଋତୁ ପୁଣି
ଜନପଦ ମନ ତୋଷି ।।

ବହୁ କଳ୍ପ ଧରି, ଧାରା ଅନୁସରି
ସବୁ ଋତୁ ଆସେ ଯାଏ
ଯେ ଯାହାର ଗୁଣେ, ଗୁଣବାନ ପୁଣି
ଗୁଣବତୀ ଜଣେ ଜଣେ ।।

ଗ୍ରୀଷ୍ମର ଆଭାସ, ପ୍ରଖର ପ୍ରକାଶ
ଦିଏ ସେହି ଉଷ୍ମ ଛାଟ,
ଜଳର ବିହୁନେ, ଜନେ ସୁମରନ୍ତି
ବର୍ଷା ହୁଅନ୍ତି ପ୍ରକଟ ।।

କଳିର ପ୍ରାବଲ୍ୟେ, ଋତୁର ପ୍ରକୃତି
ଅସଜଡ଼ା ଆଜ ଦିନେ
ମରୁସ୍ଥଳେ ବନ୍ୟା,ଫସଲ ମରୁଡି
ପ୍ରକୃତିର ଆନମନେ ।।

ସର୍ବେ ଏକାକାର,ହୋଇ ଏକମୁଖ
ରଖି ତାଙ୍କଠାରେ ମତି,
ପାଇବୁ ଯେ ରାହା, ଯେବେ ହେବେ ସାହା
ଅଖିଳ ବ୍ରହ୍ମାଣ୍ଡ ପତି ।।

ପୁରୀ

# ତମ ସ୍ମୃତିର ସହର



**ଦିବାକର ନାୟକ**

ତମ ସ୍ମୃତିର ସହର
ପିଆଏ ନୀଳ ଜହର
ସଞ୍ଜ ନଇଁଗଲେ ଏମିତି ନିତି
ନିଶାରେ ମୁଁ ଟଳମଳ
ଆଶାରେ ବିତୁଛି ବେଳ
କାଳେ ନେବ ତୋଳି ବାହୁକୁ ପାତି (୦)

ସାଗରରେ ସେଠି ବରଷା ଝରିଲେ
ମୋ' ମରୁରେ କେଉଁ ଲାଭ
ମୋ' ଖୋଜିବା କେବେ ସରି ପାରିବ କି
ନ ମିଳିଲେ ତମ ଠାବ

ଖେଳ ଯେତେ ଲୁଚକାଳି
ଆସିବ ଯେବେ ମୋ' ପାଳି
ଭାବେ ମୋ' ପ୍ରତୀକ୍ଷା ହୋଇବ ଇତି..
ତମ ସ୍ମୃତିର ସହର
ପିଆଏ ନୀଳ ଜହର
ସଞ୍ଜ ନଇଁଗଲେ ଏମିତି ନିତି (୧)

ମୋ' କାଚ ହୃଦୟ ଭାଙ୍ଗି ଦେଲେ ତମେ
ବଜାଇ ପଥର ଛାତି
ସେଇ ଛୁଆଁ ପାଇ ବଞ୍ଚିଯିବି ଆଉ
କିଛି ଦିନ କିଛି ରାତି

କରନାହିଁ ପ୍ରତାରଣା
ଭୁଲ ନାହିଁ ମୋ' ଠିକଣା
ମାପି ଦେଖ କେତେ ଗଭୀର ପ୍ରୀତି..
ତମ ସ୍ମୃତିର ସହର
ପିଆଏ ନୀଳ ଜହର
ସଞ୍ଜ ନଇଁଗଲେ ଏମିତି ନିତି (୨)

**ପାଟପୁର, କନିସି**
**ଗୋଳନ୍ଥରା, ଗଞ୍ଜାମ**

# ସୁନେଲୀ ରୂପେଲୀ



**ବାସନ୍ତୀ ଦାସ**

ସୁନେଲୀ ରୂପେଲୀ ସପନକୁ ଯଦି
ରାତି ହୋଇଯାଏ ଫିକା
କୋଉ ସରାଗରେ ମହକିବ ଫୁଲ
ସାଥୀ ବିନା ଏକା ଏକା
ମିଠା ସପନକୁ ରାତି ତ ନିଅଣ୍ଟ
ମନ କିନ୍ତୁ ଛନ୍ନ ଛନ୍ନ
ସମୟ ଆଗରୁ ରୂପ ବଦଳାଏ
ହୃଦୟରେ ରଖି ଚିହ୍ନ ।

ପତର ପରିକା ପାଚିଲା ବୟସ
ଫଗୁଣ ଛୁଆଁରେ ଝଡେ
କେତେ ଖରା ବର୍ଷା ଶୀତକୁ ସହିଛି
ଏବେ ସବୁ ମନେପଡେ
ଯେତେ ଜହ୍ନତାରା ରୂପସୀ ପୃଥିବୀ
ଫିକା ଲାଗେ କିଆଁ ଆଜି
ସୁଅ ମୁହେଁ କୁଟା ପରି ଭାସେ ଆଶା
ସୁଖର ମଉକା ଖୋଜି ।

ଚୁପିଚୁପି ଯେବେ ମଳୟ ଆସଇ
ଚୋରା ଚଇତିର ଆଳେ
ହଜିଲା ସ୍ମୃତିର ତାଜା ଭିଜା ପଣ
ଅଦିନ ସୁହାଗ ଆଣେ
ମନ ହଜିଯାଏ ଅତୀତ ମଧୁର
ସ୍ମୃତିର ବିତାନ ତଳେ
ଅୟମାରମ୍ଭ ଯେ ଶେଷ ପରେ ହୁଏ
ନିରବରେ କିଏ ଜଳେ ।

ଫୁଲେଇ ସମୟ ଝଲସାଇ ଦିଏ
ମିଛ ଇନ୍ଦ୍ରଧନୁ ଆଙ୍କି
ଫୁରୁଫୁରୁ ଉଡେ ମନର ମଇନା
ମୁଠାଏ ପୀରତି ମାଖି ।

ସଂପାଦିକା - ଶିଳାଶ୍ରୀ କବିତାୟନ,
ଭୁବନେଶ୍ୱର

# କରୁଣାମୟୀ



**ପ୍ରଜ୍ଞା ମହାନ୍ତି**

ସମୟର ନଈରେ
ବିଶ୍ୱାସ ଚହଲିଗଲେ,
ତୁମଠୁ ନିଏ ମୁଁ ମୁହଁ ଫେରାଇ,
ମାଆ ତମେ ସବୁ ସହି
ଭରସାର ନାଆ ବାହି
କୂଳକୁ ନିଅ ମତେ ବାଟ କଢାଇ।

ଦୁଃଖର ମାଡରେ
ସୁଖ ରହେ ଉହାଡେ
ଦୁର୍ଦ୍ଦିନର ଘୂର୍ଣ୍ଣିଆସେ ଗୋଡାଇ
ମା' ମତେ କୋଳ କରି
ଚାଲୁ ଥାଅ ମରୁପଥେ
ପ୍ରେମର ପଣତେ ଦେଇ ଘୋଡାଇ।

ସଂକଟ ଘଡିରେ
ହୃଦୟ ଥାଏ ପିଡ଼ାରେ
ତମେ ଆଶାର ହାତଦିଅ ବଢାଇ
ମୁଁ ଅଛି ତୁ ଡରୁ କିଆଁ
ଦୃଢ଼େ ଧରି କର ଠିଆ
ମନକୁ ତୁମ କରୁଣାରେ ବୁଡାଇ।

ବିଧିର ଯେତେ ବିଧାନ
ସବୁ ତୁମରି ଅଧିନ
ତୁମଠୁ ଉର୍ଦ୍ଧ୍ୱକୁ ପାରେ କେ' ଯାଇ !
ଆଶିଷର ଧାରାରେ,
ଜୀବନ ପଖାଳି ଦିଅ
ଆତୁଆଳେ ମା' ତମେ ସଦା ରହି।

ଏତିକି ବିନତୀ ମାଆ
ଅନାହତେ ମୋର ଥାଆ
ଭାବଭକ୍ତି ପ୍ରେମ ମନେ ଜଡାଇ
କଣ୍ଟକିତ ଚଲାପଥେ
ସାରଥି ସାଜ ମୋ' ରଥେ
ନିଜକୁ ଦିଏ ତୁମଠାରେ ହଜାଇ।

ମାତୃ ନିବାସ, ମାତୃ ବିହାର,
ବୁଢ଼ାରାଜା, ସମ୍ବଲପୁର

# ଶରତ ଆସିଛି ମରତେ



**ରମେଶ ମଙ୍ଗରାଜ**

ଶରତ ଆସିଛି ମରତ ହସୁଛି
ମାଆ ଗୋ' ତୁମରି ପାଇଁ
ତମେ ନ ଚାହିଁଲେ କେବେ କା' ଓଠରେ
ହସ ଉକୁଟିବ ନାହିଁ ।୦।

ଭସା ବଉଦର ଭେଳାରେ ମାଆ ଗୋ'
ଆସିଅଛ ଅବତରୀ
କାଶତଣ୍ଡି ଗାଏ ସ୍ୱାଗତ ଗୀତିକା
ତୁମରି ମନ୍ତ୍ର ଉଚ୍ଚାରି
ଦର୍ଶନ ପାଇଁକି କୋଟିଏ ନୟନ
ତୁମକୁ ରହିଛି ଚାହିଁ ।୧।
ଶରତ ଆସିଛି.......

ସାରା ଜଗତରେ ଶାନ୍ତି ଆଣିଥିଲ
ମହିଷାକୁ ବଧ କରି
ପ୍ରତି ହୃଦୟରୁ ଦାନବ ପ୍ରକୃତି
ଦିଅ ମା' ତୁମେ ସଂହାରୀ
ଝରିପଡୁ ମାଆ ତୁମରି ଆଶୀଷ
ଆନନ୍ଦର ବାରି ହୋଇ ।୨।
ଶରତ ଆସିଛି.......

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା**

# ମହାମାୟୀ ଦୁର୍ଗେ

**ହରିବନ୍ଧୁ ମଙ୍ଗରାଜ**

ମାଆଲୋ ଭବାନୀ ତୁହି କାତ୍ୟାୟିନୀ
ବିଶ୍ୱବନ୍ଦିତା ମାଆ
ତୁହି ଆଦିଶକ୍ତି ତୁହି କୃପାଦାତ୍ରୀ
କରୁଣାମୟୀ ତୁ' ମାଆ ।୦।

ହିମଗିରି କନ୍ୟା ଦକ୍ଷାପୁତ୍ରୀ ଜେମା
ଅଭୟବରଦାୟିନୀ
ହରପ୍ରିୟା ଅମ୍ବା ମୋହିନୀ ତୁ' ଶିବା
ଦୁର୍ଗତି ଦୁଃଖନାଶିନୀ
ତ୍ରିନେତ୍ର ନୟନୀ ତୁ' ସିଂହବାହିନୀ
ଜଗତ ଜନନୀ ରାହା ।୧।
ମାଆଲୋ ଭବାନୀ........

ମହାଭୈରବୀ କାଳରାତ୍ରି ତୁହି
ଶୁମ୍ଭ ନିଶୁମ୍ଭ ହାରୀ
ମହିଷାମର୍ଦ୍ଦିନୀ ଦୈତ୍ୟ ବିନାଶିନୀ
ହରପ୍ରିୟା ତୁ' ଗଉରୀ
ତୁହି ଦଶଭୂଜା ପାଉଛୁ ଲୋ' ପୂଜା
ମହାମାୟୀ ଯୋଗମାୟା ।୨।
ମାଆଲୋ ଭବାନୀ........

**ଶାସ୍ତ୍ରୀ ନଗର, ଭୁବନେଶ୍ୱର**

## ଆବେଗ



**ଅଞ୍ଜଳି ଦାସ**

ସମୟଟା ଆଜି ଫାଙ୍କା ଫାଙ୍କା ଲାଗେ
ଉଦାସର ଗୋଧୂଳିରେ
ଆବେଗକୁ ମୋର ଶବଟିଏ କରି
ଜାଳୁଛି ମୋ' ହୃଦୟରେ ।
ଫୁଲ ତ ଫୁଟିଛି ବଗିଚାରେ କେତେ
କୋମଳତା ତହିଁ ଭରେ
ଜୀବନ ମହକ ଛୁଟି ତ ଗଲାଣି
ସୂଚୀପତ୍ର ଯାଏ ସରେ ।
ପ୍ରଜାପତି ଉଡ଼େ ଟିକି ଡେଣା ମେଲି
ଫୁଲରୁ ଫୁଲକୁ ବୁଲି
ଅଭିବ୍ୟକ୍ତି ତା'ର ବାଢ଼ି ଦେଇ କହେ
ଆସିଛି ଯିବି ମୁଁ ଚାଲି ।
ସମୟର ସୁଏ ଏଇମିତି ସବୁ
ଦିନେ ନା ଦିନେ ତ ଯିବ
କାହା ପାଇଁ କେହି ଅଟକି ନ ରହି
ତା' ବାଟେ ଆଗେଇ ଯିବ।

**ପାଟଳଦା, ଅସ୍ତରଙ୍ଗ, ପୁରୀ**

## ଏବେ ଏବେ ପାର୍ବଣ

**ଡ. ରଜତ କୁମାର ଷଡଙ୍ଗୀ**

ପାଉଁଶିଆ ମୁହଁ ,
ଲେଞ୍ଚରା ଆଖିରେ
ଅତଡ଼ାଏ ସ୍ୱପ୍ନ
ଚିରାଶାଢି ପଣତରେ
ଉତୁରି ଆସୁଥିବା
ଛାତି ତଳର
ବତୁରା କୋହ ।।

ଇଏ ଭିନ୍ନ ଏକ ଦେବୀ
ଧୂସର ଜହ୍ନ କିରଣରେ
ଅସାମଞ୍ଜସ୍ୟ ପୃଥିବୀର
ଅମଳିନ ଛବି,
ଯା'ର କୋଟର ଆଖିରେ
ଅୟୁତ ଲେଲିହାନ ଶିଖା
ବକ୍ଷସ୍ଥଳରୁ ନିର୍ଗତ
କ୍ଷୁଧିତ ସିଂହର ଗର୍ଜନ
କାଳରାତ୍ରୀ ର ମହିଷାର ଦର୍ପ
ଅନ୍ତରର ଅଭିଶାପ
କରୁଥାଏ ସତତ ଦହନ ।।

ଶୁଭୁଥାଏ ଭବିଷ୍ୟତ ମନ୍ତ୍ର ପାଠ
ଧୋ ରେ ବାୟା ଧୋ
ଯେଉଁଠି ପାରୁଛୁ ସେଇଠି ଶୋ
ଯାହା ବି ମିଳୁଛି ଖା' ରେ ଧନ
ଅଲୋଡା ଜନର
କା' ଉପରେ ବା କି ଅଭିମାନ
ଏଇତ ଆମର ସଦା ପାର୍ବଣ ।।

**ବୋରିଗୁମ୍ମା, କୋରାପୁଟ**

# କପାଳ ରେଖା

ଦେବୀ ପ୍ରଧାନ

ସଳିତା ପରି ମୁଁ ଜଳୁଛି ଜଳିବି
ଲିଭିବା ଯାଏ ମୋ' ଶିଖା,
ମୁଁ ଜଳୁଥିବି ଦୁନିଆ ହସିବ
ଏଇ ମୋ' କପାଳ ରେଖା,
ଜୀବନ ସାରା ମୁଁ ଜଳୁଛି ଏମିତି
ଆଉ ଜଣେ ନିଏ ନିଆଁ,
ରାତି ଆହୁଆଳେ ସ୍ୱରୂପ ଜଳୁଛି
ନିଆଁ ନଥାଇ ବି ଧୂଆଁ,
ନିଜେ ମୁଁ ଜଳିବି ଆନେ ହସାଇବି
ମୋ' କପାଳେ ଏହା ଲେଖା,
ତୁମ ପାଇଁ ସୁଖ ଶାନ୍ତି ମନାସିବି
କେବେ ନହେଉ ପଛକେ ଦେଖା !!

ଚରମ୍ପା , ଭଦ୍ରକ

# ଶୂନ୍ୟତା

ଜୟନ୍ତୀ ସ୍ୱାଇଁ

ଚଞ୍ଚଳ ମନର ଏ ଖୋଲା ହୃଦୟକୁ
ପଞ୍ଜୁରୀରେ ବନ୍ଦୀ କରିଦେଲ..
ଶୂନ୍ୟତା ଓ ବେଦନାରେ
ଛାତି ମୋର ହୁଏ ଜର ଜର....
ଦେହ ମନ ଶିହରିତ କରି
କେମିତି ଗୋ ପୁଣି ଚାଲିଗଲ...!!

ଅଧାକଟା ଶୃଙ୍ଖଳା ଗଛର ବୁକୁତଳେ
ଦୁଃଖ ଆଉ ଶୂନ୍ୟତାର
ଲୋତକ ଲହରୀ ପରି
ମୋ' ଭିତରେ ଖାଲି
ବର୍ଷାର ବିନ୍ଦୁ ବିନ୍ଦୁ ଦୁଃଖ ସବୁ
ଝରି ପଡୁଛନ୍ତି
ଟୋପା ଟୋପା ଯନ୍ତ୍ରଣା ହୋଇ...

ତୁମରି ମାୟାରେ ତ ଏସବୁ
ସତେ ତୁମେ ଏଡିକି କଠୋର...
ପାଷାଣ ଉପରେ
ଅଭିମାନ କରି କି ଲାଭ...??
ତଥାପି ଜୀବନର ଶେଷ ଦୃଶ୍ୟ ଯାଏଁ
ତୁମକୁ ପ୍ରତୀକ୍ଷା....

ବରାଙ୍ଗ, ଅସ୍ତରଙ୍ଗ, ପୁରୀ

ଆମ କବିତା

ଅକ୍ଟୋବର
୨୦୨୨

# ମାଆ ଦୁର୍ଗା

**ରାଜାରାମ ବେହେରା**



(ଏକ )

ଦଶାନନ ବଧ ନିମିତ୍ତ ଶ୍ରୀରାମ
କଲେ ଦେବୀ ଆରାଧନା,
ଷୋଡ଼ଶ ନୀତିରେ ନୀଳପଦ୍ମ ପାଇ
ମା' ହେଲେ ହୃଷ୍ଟମନା !
କୃପା କଲେ କୃପାମୟୀ
ଦଶମୀ ତିଥିରେ ଦଶଶିର ନାଶି
ଉଦ୍ଧାରିଲେ ବଇଦେହୀ (୦)

(ଦୁଇ )

ତ୍ରେତୟା ଯୁଗରୁ କଳିଯୁଗ ଯାଏ
ମହିଷାମର୍ଦ୍ଦିନୀ ରୂପ
ପୂଜାମଣ୍ଡପ ରେ ସଜାଇ ଭକତ
ଜଣାଏ ମନର ତାପ
ଦୁର୍ଗତି ନାଶିନୀ ମାଆ
ଆପଦ ଏଡାଇ ଆରତ ଜନର
ହୋଇଥାନ୍ତି ସଦା ସାହା ! (୧)

(ତିନି )

ଏକଇ ଶକତି ଭିନ୍ନ ଭିନ୍ନ ରୂପ
ଦୁର୍ଗା, ଲକ୍ଷ୍ମୀ, ମହାକାଳୀ
ଏ ଧରା ବୁକୁରେ ହୁଅନ୍ତି ପ୍ରକଟ
ଚେତନାର ଦୀପ ଜାଳି
ଅଜ୍ଞାନ ତିମିର ଧ୍ୱଂସି
ଆସୁରିକ ଶକ୍ତି ହୁଏ ପଦା!ନତ
ଧରାଧାମ ଉଠେ ହସି

**ଶକ୍ତିନଗର, ଖୋର୍ଦ୍ଧା**

# ଉତ୍କଳ ଉଜ୍ଜଳ ଶିଖା



**ପ୍ରସନ୍ନ ମଣ୍ଡଳ**

ଉଜ୍ଜଳ ନକ୍ଷତ୍ର
ଉଦ୍ଭାଷିତ ନେତ୍ର
ଉତ୍କଳ ମାତୃକା ତନ୍ତ୍ର
ପ୍ରବାଦ ପୁରୁଷ
ଦିବ୍ୟ ପ୍ରତିଭାତ
ସେବାସିକ୍ତ ପ୍ରୀତି ମନ୍ତ୍ର ।

ବିଜ୍ଞ ବିଶାରଦ
ଶାରଦା ସମ୍ଭୂତ
ସ୍ୱଚ୍ଛ ସୁରଭିତ ଭାବ
ଉତ୍କୃଷ୍ଟ ବିଦ୍ଧାଣି
ଉଦ୍ଧାପିତ ଇନ୍ଦୁ
ଅନିନ୍ଦ୍ୟ ସୁରକ୍ଷା ନାବ ।

ଶୁଦ୍ଧ ପରିପାଟୀ
ସମୃଦ୍ଧ କୀରିଟି
କୀର୍ତ୍ତିମନ୍ତ ଗୋପବନ୍ଧୁ
ଦୈନ୍ୟ ଦୁର୍ବିସହ
ଦୁର୍ଦ୍ଦିନ ମାନବ
ସେବା ସୁଶୋଭିତ ସିନ୍ଧୁ ।

ନିପୁଣ ଶାସନ
ପୁଣ୍ୟ ପ୍ରଶାସକ
ପ୍ରସୂନ ପ୍ରଶାନ୍ତ ମତି
ପ୍ରବାଦିତ ରାଜ୍ୟ
ଅମୃତ ପ୍ରବାହ
ଐଶି ନିଶ୍ୱସିତ ଗତି ।

ସେବା ସମର୍ପିତ
ବିଶୁଦ୍ଧ ବେବର୍ତ୍ତା
ସୁରଚିତ ସ୍ମୃତି ଧାର
ନିଃସୃତ ଅଶ୍ରୁଳ
ଭକ୍ତି ଶ୍ରଦ୍ଧାଞ୍ଜଳି
ପ୍ରୀତି ପ୍ରଣୋଦିତ ହାର ।

ଜୟ ଯୁଗଜନ୍ମା
ବିଜୟୀ ମନୁଜ
ନିତ୍ୟ ସାରସ୍ୱତ ଦିକ୍ଷା
ପୁଣ୍ୟ ସ୍ୱର୍ଣ୍ଣଭୂମି
ସୁବର୍ଣ୍ଣ ଆଦିତ୍ୟ
ଉତ୍କଳ ଉଜ୍ଜଳ ଶିଖା ।

**କୋଟପଲ୍ଲା, ବାଘମାରି, ଖୋର୍ଦ୍ଧା**



# ବିଜୟା !

**ସ୍ୱପନ କୁମାର ଘୋଷ**

ଏ କବିକି ଯଦି ପଚାରିବ କିଏ --
ବିଜୟା - କୁ ତମେ ଚାହ,
କୋଉ ରୂପ ଧରି ନୟନସମୁଖେ
-- କୁହ କବିବର ! କୁହ !!

ସଭିଏଁ ଯାଙ୍କୁ ଦେଖେ ଏଇ ରୂପେ
-- ଆଖିଭରା ଲୁହ ନେଇ
ଦଶମୀ ତିଥିରେ
ଏ ଧରାକୁ ତ୍ୟଜି --

କୈଳାଶ ଅଭିମୁଖୀ, ସେଇ
ଷଡ଼ୈଶ୍ୱର୍ଯ୍ୟମୟୀ; କ୍ଷୁଦ୍ର ମଣିଷର
ପୂଜା - ଅର୍ଚ୍ଚନାର ପାତ୍ରୀ,
ତ୍ରିଭୁବନ ବ୍ୟାପୀ ରହିଛନ୍ତି ଯିଏ;
ସକଳ ଜୀବର ଧାତ୍ରୀ ।

ଥାଆନ୍ତୁ ସେମିତି ସମସ୍ତଙ୍କ ପାଇଁ।
ଅନ୍ୟ ସଭିଙ୍କ ପରି
ଏ ମଣିଷ ମଧ କରିବ ପ୍ରଣାମ
ତାଙ୍କୁ ଯୁଗ - ଯୁଗ ଧରି ।

କେବଳ ଏ କବିକି
ନିଜ ଅଂଶ ଦେଇ
ମାନବୀ ଗଢ଼ି ଦିଅନ୍ତୁ ସେ !
ଭଲ ପାଇବା
ଓ ସରାଗ - ପ୍ରତିମା
ଘର ଅଗଣାରେ ଯେ !

ସଦା ବିରାଜିତା ଦିବସ ରଜନୀ ,
ସୁଖ-ଦୁଖ ରୋଗ-ଶୋକରେ ,
ଅଭୟାରୂପିଣୀ, ବଳ ପ୍ରଦାୟିନୀ
ସବା ପ୍ରିୟ ଏଇ ଲୋକରେ ।

ମାତାରୁ କନ୍ୟା,
ଯେତେ ନାରୀରୂପ
ଶ୍ରୀଅଙ୍ଗେ ଧରିବ ଯେ,
ଉତ୍ସବେ - ବ୍ୟସନେ
ଦୁର୍ଭିକ୍ଷେ - ବିପ୍ଳବେ
ରାଜଦ୍ୱାରେ ସଙ୍ଗିନୀ ସେ ।

ତେବେ ସିନା ତାକୁ
ଆପଣାର ମଣି
ବନ୍ଧୁ ହେଇ ପାରିବା ଆମେ
କୋଳେ ଧରି ମଥା
ଆଉଁଶିବ କେବେ ବା
କେବେ ବା ରହିବ ବାମେ ।

ପଦ୍ମ - ପଳାଶ
ଲୋଚନେ ତାହାର
ମାୟା - ମମତାର କାଜଳ ।
ବିଜୁଳି ଖେଳିବ ନୟନରେ, ପୁଣି
ମୋ' ଦୁଖେ ବର୍ଷିବ ବାଦଲ ।

ତା'ର ଆଗମନୀ ଗୀତ
ବାଜିବ ହୃଦୟେ
ହୃତସ୍ପନ୍ଦନ ପରି ।
ବିସର୍ଜନ ତାର ନାହିଁ ହବ କେବେ
ରହିବ ଜୀବନ ଭରି ।

ଆସ ଆସ ତମେ !
ଅଙ୍ଗେ ନୀଳାମ୍ବରୀ !
ବିଜେ ହୁଅ ହୃଦି ଆସନେ ।
କୋମଳା ମାନବୀ ,
ସଖୀ ଓ ସଙ୍ଗିନୀ --
ପୂର୍ଣ୍ଣ ସରାଗ - ଶାସନେ ।।

" ସୁମତି କୁଞ୍ଜ"
୫୩, ଶ୍ରୀବର୍ଦ୍ଧନପଲ୍ଲୀ, ଜୋକା( ବାଖରାହାଟ ରୋଡ),
କୋଲକାତା

# ପ୍ରଜାତନ୍ତ୍ରର ପ୍ରାଚୁର୍ଯ୍ୟତା

**ବାପିନି ସିଂ**

ପ୍ରଜାତନ୍ତ୍ର ହେଉଛି ଏମିତି ଏକ ଶାସନ
ଯେଉଁଠି ପ୍ରଜାର ଆନୁକୁଲ୍ୟରେ ତନ୍ତ୍ରର ପ୍ରାଚୁର୍ଯ୍ୟତା
ବିମଣ୍ଡିତ ତଥା ପ୍ରସ୍ଫୁଟିତ ହୋଇଥାଏ,
ଯାହାକି ଶାସନକୁ ଦମ୍ଭୀଭୂତ କରି
ଗଢ଼ି ତୋଳିଥାଏ
ଏଇ ଅଳ୍ପାୟୁ ଓ କ୍ଷଣସ୍ଥାୟୀ ସମାଜ ସମ୍ମୁଖରେ ।

ପ୍ରଜାତନ୍ତ୍ରରେ ଯେପରି ନ୍ୟାୟ ରହିଛି
ସେପରି ଅନ୍ୟାୟ ମଧ୍ୟ ରହିଛି
ପ୍ରଜାତନ୍ତ୍ରରେ ଯେପରି ପକ୍ଷ ରହିଛି
ସେପରି ବିପକ୍ଷ ମଧ୍ୟ ରହିଛି ।

ପ୍ରଜାତନ୍ତ୍ରରେ ଜନତାଙ୍କ ସମର୍ଥନ ତଥା ସହାନୁଭୂତିରେ
ଯିଏ ଶାସକ ହୁଏ ,
ତା'ର ମନବାଞ୍ଛା ପୂର୍ଣ୍ଣ ହୁଏ ।
ସେ ସଦାସର୍ବଦା ହର୍ଷିତ ତଥା ପ୍ରଫୁଲ୍ଲିତ ହୋଇ ରହେ
ବିନା କୌଣସି ପ୍ରତିରୋଧ ତଥା ପ୍ରତିବନ୍ଧକରେ ।

ପ୍ରଜାତନ୍ତ୍ରରେ ଆରୋପ ଯେପରି ରହିଛି
ସେପରି ପ୍ରତ୍ୟାରୋପ ମଧ୍ୟ ରହିଛି ।
ଠିକ୍ ସେହିପରି ! ପ୍ରଜାତନ୍ତ୍ରରେ
ଯେପରି ଶାସକମାନେ ରହିଛନ୍ତି
ସେପରି ପ୍ରଶାସକମାନେ ମଧ୍ୟ ନିଜର କାୟାକୁ
ବିସ୍ତାରିତ କରି ଜଗି ରହିଛନ୍ତି ଆଗାମୀ ପ୍ରଜାତନ୍ତ୍ରକୁ
ନିଜର କରକମଳକୁ ନେବା ନିମନ୍ତେ ।

ପ୍ରଜାତନ୍ତ୍ରରେ ଶାସକ ସିନା ସିଂହାସନରେ
ଆରୋହଣ ହୋଇ ନିଜର ନାମକୁ
ଇତିହାସର ସମୂଳ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ
ଲିପିବଦ୍ଧ କରେ ।
କିନ୍ତୁ ସାଧାରଣ ଜନତା !
ବିଚରା ଶାସିତ, ଶୋଷିତ ଏବଂ ଶାପିତ ହୋଇଯାଏ
ପ୍ରଜାତନ୍ତ୍ରର ଅଜ୍ଞାତ ମାୟାଜାଲରେ ।

**ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର**
**ଫକୀରମୋହନ ବିଶ୍ୱବିଦ୍ୟାଳୟ,**
**ବ୍ୟାସବିହାର,ବାଲେଶ୍ୱର**

# ମୋ' ସରଗ ପରି

ଦେବରାଜ୍ ରଣା

କଉ ଦୁନିଆରୁ ମୋ' ପାଇଁ ଆସିଲ ବନ୍ଧୁ
ହସ ଖୁସିରେ ଭରିଦେଲ ହୃଦୟ ସିନ୍ଧୁ,
ସ୍ନେହରେ ପୋଛି ଦେଲ ସବୁ ଲୁହ ବିନ୍ଦୁ
ମୋ' ଦୁନିଆର ସଙ୍ଗାତ ଭାବର ଇନ୍ଦୁ ।
ନୂତନ ମାର୍ଗର ଆଶା ବାଡ଼ି ମୋର
କଣ୍ଢେଇ ରାଣୀ ତୁମ ହସ ମଧୁର,
ସରଗରୁ ଖସି ଏ ହୃଦୟେ କରିଲ ଘର
ମୋ' ପାଇଁ ଖୋଲି ଦେଲ ତୁମ ଭାବ ଦୁଆର ।
ପଥରକୁ ଦେଲ ଜୀବନ୍ତ ଆକାର
ଆଦର ଶ୍ରଦ୍ଧାରେ କରିଅଛି ଅତି ନିଜର,
ହେ ବନ୍ଧୁ ଭାବ ବିହ୍ୱଳ ଭାବ ସାଗର
ଶବ୍ଦରେ ସଜାଡି ଦେଲ ମୋ' ସ୍ୱପ୍ନ ମନ୍ଦିର ।
ମୋ' ସରଗ ପରି ଶାମୁକାର ମୋତି ଧାର
ଉଜ୍ୱଳ ଜ୍ୟୋତି ଆଜି ମୋ' ଅନ୍ଧକାର,
ପରିଚୟ ପାଇଛି ତୁମ ବନ୍ଧୁତ୍ୱ ସାଥିର
ଭଲପାଇବା ସଜାଡି - ଦେଲ ଆକାର ।
ନିଜ ପାଖରେ ନିଜକୁ ଆଜି ଦେଖୁଛି
ଅନ୍ତର ଜିଣିଥିବା ବନ୍ଧୁ ତୁମ ରୂପରେ ପାଇଛି,
ତୁମେ ଥିଲେ ସାଥିରେ ଲୋଡା ନାହି କିଛି
ସ୍ପନ୍ଦନ ଭିତରେ ତୁମ ପ୍ରତିଛବି ଆଙ୍କିଅଛି ।

**ଚାଉଳଡ଼ିଆ (ଲାଠୋର), ବଲାଙ୍ଗୀର**

# ଉଜୁଡ଼ା ଜୀବନ



**ସୁରଞ୍ଜନ ପାତ୍ର**

ଜୀବନଟା ମୋର ଅଦିନ ଝଡ଼ରେ
ଟଳି ପଡ଼ିଥିବା ଭୂଇଁ
ଉଁଆସୀ ଆକାଶେ ଭାସି ବୁଲୁଥିବା
ବାଦଲର କଳା ଛାଇ ।।

ଶୁଖି ଯାଇଥିବା ନଈର ଦରଜ
ଭରା ମୋର ଛାତି ସାରା
ମନ ଉପବନେ ଜାଳି ମାରେ ମୋତେ
ଦାରୁଣ ନିଦାଘ ଖରା।

ଏମିତି ବେଳାରେ ଋତୁରାଜ ଖୁସି
କେମିତି ପାଇବି ମୁହିଁ
ଜୀବନଟା ମୋର ଅଦିନ ଝଡ଼ରେ
ଟଳି ପଡ଼ିଥିବା ଭୂଇଁ ।।

ପୁଷ୍ପଧନୁର ଅଭିସାର ପାଇଁ
ଆଶାୟୀ ନଥିଲି କେବେ
ଇନ୍ଦ୍ରଧନୁର ଅଳିକ ଆବେଗ
ଲୋଡ଼ିତ ନଥିଲି ଲବେ।

ତଥାପି ନୀରବେ ଯାତନା ସହୁଛି
ଜାଣେ ନା ମୁଁ କାହା ପାଇଁ
ଜୀବନଟା ମୋର ଅଦିନ ଝଡ଼ରେ
ଟଳି ପଡ଼ିଥିବା ଭୂଇଁ ।।

**ସଂପାଦକ - ନୀହାରକନ୍ୟା ସାହିତ୍ୟ ସଂସଦ**
**ନୂଆଗାଁ,ଶିଙ୍ଗାଖୁଣ୍ଟା,ସୋର, ବାଲେଶ୍ୱର**

# ପରିମାପକ



**ଶୈଳେନ୍ଦ୍ର ନାରାୟଣ ବେହେରା**

ଭୁଲ କା'ରେ କହିବି ମୁଁ
ମୋ' ସ୍ୱପ୍ନକୁ
ମୋ' ଚେତନାକୁ
କି ବାସ୍ତବତାକୁ ???

ମୋ' ସ୍ୱପ୍ନର ରଙ୍ଗୀନ ବାସ୍ନା କି ଭୁଲ !
ମୋ' ଚେତନାର ସୁନେଲି ଜ୍ୟୋସ୍ନା କି ଭୁଲ !
ଅବା ବାସ୍ତବତାର କୋମଳ କଣ୍ଟକିତ ପଥ !
ଯଦି ଭୁଲ ହୁଏ ଜୀବନର ନିଛକ ସତ୍ୟତା
ଯଦି ଭୁଲ ହୁଏ ଅରଣ୍ୟର କୋମଳ ଶୀତଳତା
ଯଦି ଭୁଲ ହୁଏ ମଣିଷର ବ୍ୟାକୁଳ ଆକାଂକ୍ଷା
ତେବେ----
ଠିକ୍ କିଏ ?
ମୁଁ ?
ତୁମେ ?
ସେମାନେ ?
କି ଏହି ଦୁନିଆଟା ହିଁ ଠିକ୍ !

ଭୁଲ କା'ରେ ବୋଲିବି ମୁଁ
ମୋ' ଜୀବନକୁ,
ମୋ' ଆଦିମତାକୁ
କି ମୋ' ମଣିଷପଣିଆ କୁ???

ଜୀବନକୁ ଯଦି ଭୁଲ କହେ
ବାତୁଳିଖିଡ଼ାରେ ମାଡଖାଏ ଚେତନାଠୁ
ଆଦିମତାକୁ ଯଦି ଭୁଲ ବୋଲି ଧରିନିଏ
ବିଭତ୍ସ ନୈତିକତାର ଭୂତ କାଳେ ସବାର ହୁଏ ,

ମଣିଷପଣିଆ ଯଦି ମୋର ଭୁଲ ହୁଏ
ମଣିଷ ହୋଇ ବଞ୍ଚିବାରେ ଲାଭ କିବା ଥାଏ ?
ଠିକ୍ ତେବେ କିଏ ?
ମୋ ଅଶ୍ରୁ ସାଗରର ଫେନିଳ ଦୁଃଖରାଶି
ମୋ କୋହ ଉଠା ଆବେଗର ଚିତାପକା ପଶାକାଠି ??

ଲୁହକୁ ନେଇ ତ ମୁଁ ବଞ୍ଚିଛି
ଆଶାକୁ ନେଇ ମୁଁ ଯେ ଜୀଇଁଛି
ଭୁଲ ବୋଲି କହି କିବା ଛାଡ଼ିଦେବି
ସେ ଦୁହିଁଙ୍କୁ ?
ତେବେ ଠିକ୍ ବୋଲି କାରେ ଧରିବି ସାଇତି
ଯା'ର ପରଶରେ ଟିକେ ପରା ବଞ୍ଚିଯିବି !

ମୁଁ ଭୀଷ୍ମ ନୁହଁ :
ଯେ ଇଚ୍ଛାମୃତ୍ୟୁ ବରପାଇ
ଦୁଃଖସବୁ ପିଇଯିବି
ମୁଁ କିନ୍ତୁ ବଞ୍ଚିବାର ଉପକ୍ରମ
ଧୀରେ ଧୀରେ କରୁଥିବି !

ମୋ' ଲୁହ ମୋ' ଗଙ୍ଗାଜଳ
ମାତୃସ୍ତନ କ୍ଷୀରଧାର
ତାକୁ ତ ନେଇ ରଖିବି ଏ ଜୀବନ
ଭୁଲକୁ (?) ନେଇ ତ ନୁହଁ !
କିଏ ଜାଣେ,
କି ଭୁଲ ,
କେମିତି ଭୁଲ ?

ଭୁବନେଶ୍ୱର

# ଶରତ ଛୁଆଁ ରେ ଆସିଛନ୍ତି ମା'



**ଡା: ବିଧୂତ୍ ଶେଖର ମିଶ୍ର**

ଶରତ ଛୁଆଁରେ ଆସିଛି ଅଗଣ
ଆସୁଛନ୍ତି ଦଶଭୂଜା
କାଶତଣ୍ଡି ବାସେ ଚମକୁଛି ଧରା
ବଜା ଭେରିତୁରୀ ବଜା ॥

ନିର୍ମଳ ଆକାଶେ ଖଣ୍ଡ ଖଣ୍ଡ ମେଘ
ଭାସଇ ଯଥା ବୋଇତ
ଧୋବ ଫର ଫର ଦିଶେ ନଈପଠା
ମନ ପ୍ରାଣ ଉଲ୍ଲସିତ ॥

ହଲିଝୁଲି ହସେ କାଶତଣ୍ଡି ଆଜି
କରେ ମା' ଙ୍କୁ ସ୍ୱାଗତ
ପ୍ରକୃତି ମାତା ମୋ ଶିହରି ଉଠଇ
ଦେଖି କାଶତଣ୍ଡି ନୃତ୍ୟ ॥

ପ୍ରେମ,ଶାନ୍ତି, ସ୍ୱସ୍ତି ଆଶିଷ ବରଷୁ
ବହିଯାଉ ସ୍ନେହାମୃତ
ପଲ୍ଲୀ, ନଗରୀରେ ଶୁଭିଲାଣି ଦେଖ
ମା'ଙ୍କ ଆବାହନୀ ସଂଗୀତ ॥

ଆସ ଆସ ମା' ବିରାଜିତ ହୁଅ
ଶରତର ମଧୁକୋଳେ
ନାଶ ମୋ' ମନରୁ ହିଂସାର ଅସୁର
ପ୍ରାର୍ଥନା କରୁ ଆକୁଳେ ॥

ସତ୍ୟ, ଅହିଂସା ଓ ଭାଇଚାରା ସାରା
ବିଶ୍ୱରେ ହେଉ ବନ୍ଦିତ
ମାଗୁଣୀ ଏତିକି ଶାରଦୀୟ ପର୍ବେ
ଘେନ ମା' ପ୍ରଣିପାତ ॥

**ଉପ- ନିର୍ଦ୍ଦେଶକ,**
**ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ**
**ପାରଳାଖେମୁଣ୍ଡି, ଗଜପତି**

# ଶରତର ସ୍ୱାଗତିକା



ସୁଜିତ୍ କୁମାର ମିଶ୍ର

ଆକାଶ ବୁକୁରୁ    ହଟିଯାଏ ଘନ
ବାଦଲର ବିଭୀଷିକା,
ଶୁଭୁଥାଏ କଣ୍ଠୁ    ମିଠା ସରାଗରେ
ଶରତର ସ୍ୱାଗତିକା ।

ବରଷକେ ଥରେ    ବାସ ଭରେ ଆସି
ମନେ ରହେ ବାରମାସୀ,
ଶରତର ଶୋଭା    ମଣ୍ଡପକୁ ଛୁଇଁ
ସଭିଏଁ ଅପାର ଖୁସି ।

ନିର୍ମଳ ଆକାଶ    ଶରତ ଆଗମେ
ନୀଳ ନୀଳିମାରେ ଭରା
ବିହଙ୍ଗମ ଗୀତ    ବିଷର୍ଣ୍ଣ ପ୍ରାଣକୁ
କରେ ପୁଲକିତ ପରା ।

ସଜଡ଼ା ସଜଡ଼ା    ସବୁ ସୁରଭିତ
ସଜଫୁଲ ହୋଇ ମନ,
ଶରତର ଦିବ୍ୟ    ରଦରୁ ଝରେ
ଶାରଦୀୟ ସମ୍ମୋହନ ।

ଧାରା ବରଷାରୁ    ମୁକୁଳି ଧରଣୀ
ଧବଳ କଟକ ଆଭା,
ପ୍ରତିଟି ଅଗଣା    ପାର୍ବଣର ପ୍ରୀତି
ପ୍ରଜ୍ୱଳିତ ଦୀପ ଶୋଭା ।

ମନ୍ତ୍ରମୟ ହୁଏ    ହୃଦୟ ଭକ୍ତିରେ
ଯନ୍ତ୍ରମୟ ଦୁନିଆରେ ,
ବନ୍ଧ୍ୟା ଗଛ ଯେତେ    ପୁଷ୍ପେ ବିମଣ୍ଡିତ
ଭାବ ନଇ ଗୀତ ଧାରେ ।

ରୂପସୀ ଶରତ    କୋଳେ ନୃତ୍ୟରତା
କାଶତଣ୍ଡୀ ହସ ମେଲି,
ହସରେ ତା' ଥାଏ    ଲୁହ ମିଶା ଲାଜ
ଆଖିଠାର ରଙ୍ଗ ଖାଲି ।

ତାରାଗଣ ମଧ୍ୟେ    ଭୋଦୁଅ ଜହ୍ନର
ଅଭିସାର ମୁଗ୍ଧକର,
ଆକାଶରୁ ଝରେ    ମେଞ୍ଚା ମେଞ୍ଚା ଜ୍ୟୋସ୍ନା
ଶରତର ଚମତ୍କାର ।

ସରୋବରେ ଶୋଭେ    କୁମୁଦ କମଳ
ଶରତର ପରଶରେ,
ମାଳତୀ ଟଗର    ଫୁଟି ଉପବନେ
ଜନ ମାନସକୁ ହରେ ।

ଅଳପ ଦିନର    ଗଳପ ତୁମର
ଶରତ ଗୋ ସ୍ମରଣୀୟ,
ଚିତ୍ତଚୋରା ତୁମ    ଚିତ୍ରିତ ଚେହେରା
ଆହା କେଡେ କମନୀୟ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

# ମାଆ ଆସୁଛି



ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ

କାଶତଣ୍ଡୀ ଫୁଲର ସଂକେତ ଦେଇ
ମାଆ ଆସୁଛି ,
ଅପେକ୍ଷା କରିଛନ୍ତି ଶହ ଶହ ଭକ୍ତ
ଦେଖିବାକୁ ଟିକେ ମାଆର ମୁଖ
ମାଆର ଆଶିଷେ,
ଧୋଇବାକୁ ଅନେକ ପାପ
ପ୍ରକୃତିରାଣୀ ସଜେଇ ଦେଉଛି ନିଜକୁ
ସ୍ୱାଗତ କରିବାକୁ ମାଆକୁ |

ମାଆ ଆସୁଛି,
ଉତ୍ସବମୁଖର ହେଉଛି ସହର
ଖୁସିରେ ଉଛୁଳି ପଡୁଛି ଗାଁ
କିନ୍ତୁ, ଆଜି ବି ଲୁହ ଶୁଖିନି
ସେଇ ମାଆ ଆଖିରୁ ,
ଯିଏ, ଜଳି ଜଳି ହେଇଛି ଅଙ୍ଗାର
କିଏ ଝିଅକୁ ହରେଇ କାନ୍ଦୁଛି ତ
କିଏ ନ୍ୟାୟ ଆଶାରେ,
ମନ୍ଦିରେ ଦେବୀ ପୂଜା କରି
ବାହାରେ ଅପରାଧ କରେ ନିତି
ଏଇ ସେ ମଣିଷ,
ଯିଏ ଡେଙ୍ଗୁରା ପିଟି ପିଟି କୁହେ
ମାଆ ଆସୁଛି !
ମାଆ ଆସୁଛି !

# ଶରତ



ବିନୟ ମିଶ୍ର

ମେଲାଣି ନେଲାଣି ଧରାରୁ ଶ୍ରାବଣ,
ନୀଳ ନିର୍ମଳ ଆକାଶ,
ଶୋଭା କାଶତଣ୍ଡି, ତଟିନୀ କୂଳରେ,
ବିଞ୍ଚାଏ ଶୁଭ୍ର ପରଶ ।

ଧରଣୀ କି ଆଜି ନବୀନ ତରୁଣୀ,
ସବୁଜିମା ରଙ୍ଗ ନେଇ,
ଶେଫାଳି ବିଛାଏ, ବୁକୁରେ ତାହାର,
କାହାର ସ୍ୱାଗତ ପାଇଁ ?

ଅବତରି ଆଜି ଆସିବେ ଯେ "ମା"
ଏହି ଧରାଧାମେ ତା'ର,
ଫୁଟିଯିବ ହସ, ଅଧରେ ଅଧରେ,
ପଲ୍ଲୀ ହେଉ ବା ନଗର ।

ଯୁଗେ ଯୁଗେ ତୁମ କରୁଣାର ବାରି,
ଜଗତେ ବରଷି ଯାଏ,
ଶକ୍ତି ଓ ଭକ୍ତିର ଅପୂର୍ବ ମିଳନ,
ଆହ୍ଲାଦିତ ପ୍ରାଣ ହୁଏ ।

ଯାଜପୁର

## ଜାଣିଛ କି କେହି



ସୁମିତା ବେହେରା ବାପି

ଜାଣିଛ କି କେହି ଆକାଶେ କାହିଁକି
ଧଳା ବୋଇତର ମେଳା?
କିଚିରି ମିଚିରି ଶରତ ଗଗନେ
ପକ୍ଷୀ ଉଡେ ଭେଳା ଭେଳା ?

ନଦୀପଠା ପରେ ଚାମର ଦୋଳାଏ
କାଶତଣ୍ଡି ଶୁଭ୍ରଦେହୀ ?
ଶେଫାଳି ବିଛାଏ ରେଶମୀ ଗାଲିଚା
ହସେ ଉଲ୍ଲାସରେ ମହୀ ?

ଭୂମିଠାରୁ ଭୂମା ବାସ୍ନାୟିତ ଆଜି
କାହା ଶୁଭ ଆଗମନେ ?
ପବିତ୍ର ଓଁକାର ଗୁଞ୍ଜରିତ ହୁଏ,
ହୃଦ କୋଣେ ଅନୁକୋଣେ?

ହଂସ ହଂସରାଳି ପଦ୍ମ ପୋଖରୀରେ
ନାଚୁଥାନ୍ତି ଝୁଲି ଝୁଲି?
ଗାଆଁ ଭୁଆସୁଣୀ ପୋଖରୀ ତୁଠରେ
ଆନନ୍ଦରେ କୋଳାକୋଳି?

ବୁଝିଲି ବୁଝିଲି ମାଆ ମୋ' ଆସୁଛି
ସେଥିପାଇଁ ଏତେ ସଜ,
ଚାଲ ପିଲାମାନେ ନୂଆ ଜାମା ପିନ୍ଧ
ହୁଅ ଆଜି ସଜବାଜ ।

ଭୁବନେଶ୍ୱର

## ଆଜି ଦଶହରା



ଇତିଶ୍ରୀ ସାହୁ

ଆଜି ଦଶହରା ନାଚୁଅଛି ଧରା
ବିଜେ ମାଆ ଦଶଭୁଜା
ଷୋଡଶୋପଚାରେ ଚାଲିଅଛି ପୂଜା
ବାଜେ ଭେରୀ ତୁରୀ ବାଜା |

ପୂଜା ମଣ୍ଡପର ସୁଦୃଶ୍ୟ ତୋରଣ
ହରି ନେଉଅଛି ମନ
କି ବର୍ଣ୍ଣିବା ଶୋଭା ଜନମନ ଲୋଭା
ସତେ କି ସ୍ୱର୍ଗ ଭୁବନ |

ଦୁର୍ଗତିନାଶିନୀ ମହିଷା ମର୍ଦ୍ଦିନୀ
ଦୁଷ୍ଟଙ୍କୁ ବିନାଶ କରି
ଆସ୍ଥାନରେ ବିଜେ ମାତା ଜଗଦମ୍ବା
ଦଶ ପ୍ରହରଣ ଧରି |

ଭକ୍ତ ମନୋବାଞ୍ଛା ପୂରଣ ପାଇଁକି
ଏ ଧରାଧାମରେ ବିଜେ
ଭକତି ଅନ୍ତରେ ଡାକିଲେ ମାଆଙ୍କୁ
ମାଆଙ୍କ କାନରେ ବାଜେ |

ଗୁହାରି କରୁଛୁ ଅଶାନ୍ତ ଧରାକୁ
ବାରେ ଶାନ୍ତ କରିଦିଅ
ଭକତି ପ୍ରଣାମ ଜଣାଉ ପାଦରେ
ଆଶିଷ ବରଷି ଯାଅ |

ଶ୍ରୀରାମ ନଗର, ଖୋର୍ଦ୍ଧା



# ଶରତ ବର୍ଣ୍ଣନା

**କୃଷ୍ଣପ୍ରିୟା ମହାପାତ୍ର**

ଅପସରି ଯା'ନ୍ତି ମେଘମାଳା ଧୀରେ ତେଜି ପଥ ମେଘଦ୍ୱାର
ନିର୍ମଳ ଆକାଶ ସୁଷମା ପ୍ରକାଶେ ଯେସନେ ସରସୀ ନୀର।

ଚନ୍ଦ୍ରମା ସହିତ ଉରଭ୍ର କୌତୁକ ଚାଲିଅଛି ପ୍ରତିକ୍ଷଣେ
ଇତସ୍ତତଃ ଧାଇଁ ବାଳକେ କ୍ରୀଡନ୍ତି ଯେପରି କ୍ରୀଡା ପ୍ରାଙ୍ଗଣେ।

ଶରତ ଋତୁର ଆଗମେ ପ୍ରକୃତି ରାଣୀର ଶୋଭା ସମ୍ଭାର
ସୁଶୋଭିତା ଧରା ପାର୍ବଣ ଆଗମେ ପ୍ରସ୍ଫୁଟିତ ପୁଷ୍ପାଙ୍କୁର।

ଗିରୀରାଜଜେମା ସେବାରେ ତତ୍ପର ମୃଦୁମନ୍ଦ ବାୟୁ ବହି
ଧୂପ ଝୁଣା ବାସ ଅଗୁର ଚନ୍ଦନେ ନେଉଛି ମନକୁ ମୋହି।

ଶ୍ୱେତ ବର୍ଣ୍ଣବିଭା ପ୍ରକାଶି ସର୍ବତ୍ର କାଶତଣ୍ଡି ମାନମୟୀ
କରଇ ସ୍ୱାଗତ ମାତାଙ୍କୁ ସାନନ୍ଦେ ଆସ ମା' ମମତାମୟୀ।

ଶୁଭ ଶଙ୍ଖ ସହ ନାନା ବାଦ୍ୟ ଧ୍ୱନି ସ୍ୱର୍ଗପଥୁ ରହି ରହି
ଶୁଭୁଛି ଯେସନେ ନୁପୁର ନିକ୍ୱଣେ ମାତା ଆସନ୍ତି ଓହ୍ଲାଇ।

ପାପ, ତାପ, ଘୃଣା, ଗର୍ବ, ଅହଙ୍କାର ବିନାଶ କର ଜନନୀ
ଆସ ଗୋ ଭବାନୀ ଦୁର୍ଗତି ନାଶିନୀ ମହିଷାସୁର ମର୍ଦ୍ଦିନୀ।

ପୁରୀ

# ଯା' ଦେବୀ ସର୍ବେଭୂତେଷୁ



**ଛବିରାଣୀ ପତି**

ଶରତ ଋତୁ ଆଶ୍ୱିନ ମାସର
ଶୁକ୍ଳପକ୍ଷ ପ୍ରତିପଦା
ନବରାତ୍ର କାଳ "ନବଦୁର୍ଗା" ହୁନ୍ତି
ନବଗୌରୀ ନାମେ ପୂଜା ।

ଗିରିରାଜ ହିମାଳୟ ତପୋବଳେ
କନ୍ୟା ରୂପେ ହେଲେ ଉଭା
ପ୍ରଥମ ଦିନରେ "ଶୈଳପୁତ୍ରୀ" ନାମେ
ଦେଖାଇଲେ ନିଜ ପ୍ରଭା ।

ଶାନ୍ତ ସ୍ନିଗ୍ଧ ପୁଣି ବୈରାଗ୍ୟ ବେଶରେ
ଦ୍ୱିତୀୟ ଦିନରେ ମାତ
ଶୁଭ୍ର ତେଜେ "ବ୍ରହ୍ମଚାରିଣୀ" ଅପର୍ଣ୍ଣା
ଧରାବତରଣ ସେତ ।

ତୃତୀୟ ଦିବସେ "ଚୈତ୍ରଘଣ୍ଟା" ନାମେ
ନସ୍ୱର ତନିମା ଦେହି
ଶରତର ସ୍ୱଚ୍ଛ ନିର୍ମଳ ଆକାଶେ
ଯୋଛନା ବିତରେ ବିହି ।

ହାତେ କମଣ୍ଡଳୁ ଜପାମାଳି ସାଥେ
ଗଦା, ଚକ୍ର, ଧନୁ ଧରି
ଏ' ନବରାତ୍ର ର ଚତୁର୍ଥ ଦିନେ ମା'
"କୁଷ୍ମାଣ୍ଡ " ନାମ ଆବୋରି ।

ପଞ୍ଚମ ଦିନର ପୁଣ୍ୟ ଅବକାଶେ
ପୂଜା ପାନ୍ତି "ସ୍କନ୍ଦମାତା"
ଶକ୍ତି ସ୍ୱରୂପିଣୀ ଅଟନ୍ତି ସୌମ୍ୟଶ୍ରୀ
କାର୍ତ୍ତିକେୟଙ୍କ ଏ ମାତା ।

ନଦୀ ପଠା ତୁଠ ଗହିରି ହୁଡ଼ାରେ
କାଶତଣ୍ଡି ଥାନ୍ତି ଭରା
"କାତ୍ୟାୟନୀ" ରୂପେ ଷଷ୍ଠ ଦିନେ ଦେବୀ
ଓହ୍ଲାଇ ଆସନ୍ତି ଧାରା ।

ଚକ୍ଷୁଦାନ ପାଇ ସପ୍ତମୀରେ ଦୁର୍ଗା
"କାଳରାତ୍ରି" ବେଶ ନେଇ
ଅପୂର୍ବ ସ୍ୱରୂପ ଦେଖି ଭକତଙ୍କ
ଦୁଃଖ ଯାଏ ଦୂର ହୋଇ ।

ମହାଷ୍ଟମୀ ତିଥ୍ୟେ "ମହାଗୌରି" ରୂପେ
ଆବିର୍ଭୂତ ଅଷ୍ଟଭୁଜା
ଡ଼ମ୍ବୁରୁ ତ୍ରିଶୂଳ ଧାରି ଶ୍ୱେତବସ୍ତ୍ରା
ଅଭୟ ପ୍ରଦାନେ ସଦା ।

ଶଙ୍ଖ ଚକ୍ର ଗଦା ପଦ୍ମର ଆୟୁଦ୍ଧେ
ନବରାତ୍ରେ "ସିଦ୍ଧିଦାତ୍ରୀ"
ଉପାସକଙ୍କର ସକଳ କ୍ଳେଶକୁ
ହରନ୍ତି ଏ କରୁଣାନେତ୍ରୀ ।

ନବ ଦିନାନ୍ତକ ଏହିପରି ମାତ
ତନୁରେ ହୁଅନ୍ତି ଗଢା
ଦିବ୍ୟ ଚେତନାର ସତ୍ତା ତୋଳି ଆଣି
ମା', ବିତରନ୍ତି ସିଂହରୁଢ଼ା ।

ମଧଶାସନ
ବିରିଡ଼ି, ଜଗତସିଂହପୁର

# ଶରତ ସନ୍ଧ୍ୟା



**ଗାୟତ୍ରୀ ବେହୁରା**

ଭରା ଭାଦ୍ରବର ଅର୍ଘ୍ୟଥାଳୀ ଧରି
ଆସେ ଶରତ ସୁନ୍ଦରୀ,
ଧାରା ଶ୍ରାବଣର ତୃପ୍ତି ଲାଭ କରି
ବର୍ଷା ଯାଏ ଅପସରି ,
ବିଜୁଳି ମନ ବିରସ ,
ଫେରିଯିବା ପାଇଁ ମେଘମାଳା ସାଥେ
କରୁଅଛି କେତେ ରୋଷ।

ଶୁଭ୍ର କାଶତଣ୍ଡି ସୌନ୍ଦର୍ଯ୍ୟେ ମଣ୍ଡିତ
ହୁଅଇ ପ୍ରକୃତିରାଣୀ,
ଆକାଶ ଛାତିରେ ଶୁଭ୍ର ଛାୟାପଥ
ହୃଦୟକୁ ନିଏ କିଣି ,
ନଦୀପଠା ହସିଲାଣି,
ପାର୍ବଣର ମନ୍ତ୍ର ଗାଇ ଗାଇ କରେ
ମାତାଙ୍କର ଆବାହନୀ।

ମନ୍ଦ ସମୀରର ଶୀତଳ ପରଶେ
ନୃତ୍ୟରତା କୁମୁଦିନୀ ,
ଚାନ୍ଦ, ବାଦଲର ଲୁଚକାଳି ଖେଳେ
ବିଭୋର ହୁଏ ରଜନୀ ,
ପ୍ରିୟଙ୍କ ଦର୍ଶନ ପାଇଁ,
ଅତି ଯତନରେ ସଜବାଜ ହୋଇ
ସରସୀରେ ଅଛି ଚାହିଁ।

ଦୂର ଦିଗବଳୟେ ଭସାବଉଦଟି
ଭାସଇ ବୋଇତ ପରି ,
ହେମକାନ୍ତି ଜିଣି ଜହ୍ନିଫୁଲ ହସି
ନୃତ୍ୟ କରେ ଢଳି ଢଳି,
ଚୁପି ଚୁପି କୁହେ କାନେ,
ପାଖେଇ ଆସିଲା ଜହ୍ନିଓଷା ମିତ
ପଡୁନାହିଁ କିବା ମନେ ?

ଅନିଳର ତାଳେ ପ୍ରଜାପତି ଖେଳେ
କୋଟି ସୁମନଙ୍କ କୋଳେ ,
ବାରୁଣୀ କୋଳରେ ବୁଡିଯାନ୍ତି ରବି
ଅପୂର୍ବ ବର୍ଣ୍ଣ-ବିଭାରେ ,
ରାତ୍ରି ଆସେ ଥିରିଥିରି,
ଚୁନି ଚୁନି ତାରାଫୁଲରେ ଆକାଶ
ଅଗଣା ଯାଇଛି ପୁରି।

ସୁଷମା ଅଞ୍ଜନ ମାଖି ହୋଇ ଯାଏ
ବନଗିରି କାନ୍ତାରରେ,
ମଧୁସିକ୍ତ ହୁଏ ଏ ସାରା ଅବନୀ
ବିଭାବରୀର ସ୍ପର୍ଶରେ ,
କମନୀୟ ତା'ର ଶୋଭା,
କୃଷ୍ଣବର୍ଣ୍ଣ ପାଟେ ଦିଶେ ମନୋରମ
କି ଉପମା ଦେବି ଅବା।

**କଟକ**

# ଶ୍ୱେତାଙ୍ଗୀ ଶରତ



## ସ୍ମୃତି ରଞ୍ଜନ ପାତ୍ର

ଭାଦ୍ରବର ଭୋଦୁଅ ଖରାରେ ଲହଲହ
ଶରତ ଢେଉଭାଙ୍ଗେ କାଶତଣ୍ଡୀ ଦେହରେ,
ଆକାଶ ନୀଳ ଗାଲିଚାରେ ଭାସମାନ
ବାରିବାହ ଖେଳୁଥାଏ ମୃଦୁ ସମୀରଣରେ।

ନଦୀର ତଟରେ ପଥର ବନ୍ଧରେ ସବୁଠି
ଶରତର ଶ୍ୱେତାଙ୍ଗ ପଦଚିହ୍ନ,
ମୁକ୍ତ ମଣ୍ଡଳର ପ୍ରତିଛବି
ବିଚ୍ଛୁରିତ ହୁଏ ନଦୀର ସ୍ୱଚ୍ଛ ଜଳରେ
ନଳବନରେ ନଳିନୀ ପ୍ରୀତିସିକ୍ତ ହୁଏ ଭଅଁର ଚୁମାରେ....

ଶିଉଳିମଖା ପଥରର ଓଠରେ
ଝରିଝରି ଆସେ ନିର୍ଝରିଣୀ,
ଶାନ୍ତ ଉପବନରେ ଛମ୍ ଛମ୍ ପାଣିର ପାଉଁଜି
ନାଚିଉଠେ ନିର୍ଜନ ବନାନୀର ଅପହଞ୍ଚ ବୁକୁରେ...
ଦିନର ବୟସ ବିତିଯାଏ

ଅସ୍ତଗମନ ରବିଙ୍କ ସିନ୍ଦୂରା ବର୍ଣ୍ଣରେ,
ସଞ୍ଜର ସଳିତା ମହକରେ ପୁରିଉଠେ ଗୋଧୂଳିକାଳ...
ନିର୍ମଳ ରାତିରେ ଜହ୍ନ ଅଳସ ଭାଙ୍ଗେ
କୁମୁଦର ଆଖିରେ,
ଭଣଭଣ ଶେଫାଳି ମହକ ଢାଳିଯାଏ
ମୋ' ବାରିଦୁଆରରେ ।

ଶାରଦୀୟ ଶୋଭାରେ ଚଳଚଞ୍ଚଳ ଏ ଲେଖନୀ
ରଚିଦିଏ ଶବ୍ଦର ଅନେକ ଆବେଗ,
ପାର୍ବଣ ପଟୁଆର ଘେନିଆଣେ ନବୀନ ଉଲ୍ଲାସ
ସକାଳର ସୁନେଲି କିରଣ ଅବା ଗଛଲତାରେ
ପଡିଥିବା ପହିଲି ଶିଶିର ସବୁଆଡେ
ଶରତର କୁଆଁରୀ ପରଶ ।

ବାଲିଘାଟ, ଗୋପାଳପୁର, ପୁରୀ

# ଚିତ୍ର



**ଜ୍ୟୋତିପ୍ରଭା ପଟ୍ଟନାୟକ**

ଚିତ୍ର ବିଚିତ୍ର ଏ ଦୁନିଆର ଚିତ୍ର
ଦେଖ ଥରେ ଚକ୍ଷୁ ଫେଇ
କବିର କବିତାଠାରୁ ବି ଅତୀବ
ଚମତ୍କାର ଲାଗୁଥାଇ
ଚିତ୍ର କୁହେ କଥା ଚିତ୍ର ଦିଏ ବ୍ୟଥା
ଚିତ୍ରିତ କରଇ ପ୍ରାଣ
ଚିତ୍ରଟି ଜୀବନ୍ତ ଅବା ଏକ ଚିତ୍ର
ସ୍ପର୍ଶ କରି ଥରେ ଜାଣ
କବିତାକୁ ପଢି ଆବୃତ୍ତି କରି
ବୁଝିହୁଏ କାବ୍ୟ କଳା
ଚିତ୍ରକର ବୁଝେ ଚିତ୍ରର ଉଦ୍ଦେଶ୍ୟ
ଆଧୁନିକ ଚିତ୍ର କଳା
ସମାଜର ଚିତ୍ର ବଦଳିଗଲାଣି
ଆଧୁନିକତାର ରଙ୍ଗେ
ଅତୀତର ଭଗ୍ନ ନଗ୍ନ ନର୍ତ୍ତକୀ
ବଖାଣୁଛି ନିଜ ଅଙ୍ଗେ
ଅଯୁତ ଯୁଗର ଆଉଟା ସ୍ମୃତିକୁ
ଚିତ୍ରକର ଆଙ୍କିଦିଏ
ଜଙ୍ଗଲ ପାହାଡ଼ ରୁକ୍ଷ ମରୁଭୂମି
ଚିତ୍ର ବି କଥା କୁହେ
ହୃଦ କାନଭାସେ ମନର ତୁଳୀରେ
କେତେ ଚିତ୍ର ହୁଏ ଅଙ୍କା
କେତେ ଲିଭିଯାଏ, କେତେ ଚିହ୍ନ ରହେ
ଛାତିତଳେ ହୁଏ ଅଙ୍କା
ହୃଦୟ ମନ୍ଦିରେ ପ୍ରଭୁ ଚିତ୍ରପଟ
ରଖିଦିଅ ନିର୍ଦ୍ୱନ୍ଦରେ
ମନ୍ଦିର କବାଟ ଖୋଲି ଦେଖୁଥାଅ
ଭାବ ଭକ୍ତି ଦର୍ପଣରେ
ଏମିତିକା ଚିତ୍ର ଅତୀବ ବିଚିତ୍ର
ଲିଭେନାହିଁ ସେ ହୃଦରୁ
ସକଳ ଶକ୍ତିର ଆଧ୍ୟାତ୍ମିକ ଚିତ୍ର
ଦିଶେ ହୃଦୟ କନ୍ଦରୁ.....

ଖୋର୍ଦ୍ଧା

# ଅହ୍ୟ ସୁଲକ୍ଷଣୀ



## ସୁରେଶ ଚନ୍ଦ୍ର ରଥ

କୁମାର ପୂର୍ଣିମା ଅଟେ କୁମାରୀ ପର୍ବ
ଭବିଷ୍ୟତ ନାଗରିକ ଆମର ଗର୍ବ
ଗଂଜାମର ଖଲିକୋଟେ ତାହାର ଜନ୍ମ
ଜ୍ୟୋତିଷ ଶାସ୍ତ୍ର ନିପୁଣ ସେହିଟି ଗ୍ରାମ
ସଂସ୍କୃତି ସମ୍ପର୍ଣ ଅଟେ ଆଦର୍ଶ ବଂଶ
ବାଳିକାର କିର୍ତ୍ତୀରାଜି ଫୁଟାଏ ହସ
ଚନ୍ଦ୍ରର ଜୋଛନା ସମ ତା ରୂପ କାନ୍ତି
ସରବଗୁଣସମ୍ପର୍ଣା ଚପଳମତି
ଶ୍ରେଷ୍ଠ ସୁନ୍ଦର ଯୁବକ ଧରିଲା ହାତ
ଦାମ୍ପତ୍ୟଜୀବନ ସୁଖେ କାଳାତିପାତ
ଆଦର୍ଶ ଗୃହିଣୀ ବଧୂ ଶ୍ବଶୁରାଳୟେ
ବନ୍ଧୁ ପରିଜନସହ ଆନନ୍ଦମୟେ
ଏକମାତ୍ର ମଣି ଦୁଇ ରତ୍ନର ମାତା
ସୁଶିକ୍ଷା ଦେଇ ସନ୍ତାନେ ଜଗତଜିତା
ଉଚ୍ଚପଦେ ଅଭିଷିକ୍ତ ମଣିଟି ତାର
ମରଣ ମୁଖରୁ ରକ୍ଷା କଲା ବନ୍ଧୁର

ସଡକ ଉପରେ ତାର ଗଲାଟି ପ୍ରାଣ
ଟି ସି ଏସ୍ କମ୍ପାନି ବନ୍ଧୁ ଦୁଃଖିତ ଜାଣ
ପୁତ୍ର ବିରହିଣୀ ମାତା ଶୋକାଭିଭୂତା
ଦୁଃଖ ରୋଗ ଆକ୍ରମିଲା,ଶଯ୍ୟାଶାୟିତା
ବହୁଦିନ ମୃତ୍ୟୁ ସହ ସଂଗ୍ରାମରତା
ପୁତ୍ର ଅନ୍ବେଷଣେ ତାର ଜଳିଲା ଚିତା
ଅହ୍ୟ ସୁଲକ୍ଷଣୀ ଚଳେ ଯମ ଭୁବନେ
ସିନ୍ଦୂର ଅଳତା ଚୁଡି ଶୋଭା ବର୍ଦ୍ଧନେ
ସ୍ୱର୍ଗଦ୍ବାର ମଧ୍ୟେ ଅନ୍ତ ହେଲା ଶରୀର
ପତ୍ନୀହରା ପତି କାନ୍ଦେ ହୋଇ ଅଧୀର
ଜନମ ମରଣ ଦେଖ ଏ ରଂଗ ମଂଚେ
ଅଭିନୟ ପରେ ଟାଳେ ପରଦା ପଛେ
ଶ୍ରୀଜଗନ୍ନାଥ ପଦରେ ରଖିଥା ମନ
ଉଦ୍ଧାର କରିବେ ସେହି ଚକାନୟନ

ଜଟଣି ,ଖୋର୍ଦ୍ଧା

# ପ୍ରେମର ପ୍ରତୀକ (ତାଜମହଲ)



**ଅକ୍ଷୟ ମହାନ୍ତି**

ରାଣୀ ମମତାଜ
କହିଥିଲେ ଦିନେ
"ଯଦି ଭଲ ପାଅ ମୋତେ
ଗ୍ରହଣ କରିବି
ଜୀବନେ ମରଣେ
ଉପହାର ଦେବ ଯେତେ।"

ମମତାଜଙ୍କର
ମୃତ୍ୟୁର ଛ'ମାସେ
ଚିନ୍ତା କଲେ ସାହାଜାନ
କେଉଁ ଉପହାର
ଦେବେ ସେ ତାହାଙ୍କୁ
ରହିବ ତାଙ୍କର ମାନ।

ଯମୁନା କୂଳରେ
ନଦୀ ବାଲି ତଳେ
ସମାଧି ତାଙ୍କର ଥିଲା
ତାହାରି ନିକଟେ
ସ୍ମୃତିଟେ ଗଢିବେ
ମୁଣ୍ଡେ ତାଙ୍କ ଢୁକିଥିଲା।

ୟୁପିର ଏହି
ଆଗ୍ରା ସହରରେ
ତାଜମହଲ ହିଁ ହେଲା
ଝଲମଲ ହୋଇ
ଏବେ ଝଟକୁଛି
ଚାରିଶ' ବରଷ ହେଲା।

ବାଲି ପରେ କେତେ
କୂଅ ଖୋଳା ହେଲା
ଶୁଖା ମାଟି ଦେଖାଦେଲା
ଇଟା ପଥରରେ
ଭରି ଦେଇ ତାକୁ
ପିଲର ତିଆରି ହେଲା।

କୋଡିଏ ହଜାର
ଶ୍ରମିକ ଲାଗିଲେ
ରାଜକୋଷ ଶୂନ୍ୟ ହେଲା
ବାଇଶି ବରଷ
ସମୟ ଲାଗିଲା
ତେବେ ତ ସଂପୂର୍ଣ୍ଣ ହେଲା।

କୋଡିଏ ହଜାର
ଲୋକଙ୍କୁ ସମ୍ରାଟ
ଖାଦ୍ୟ ହିଁ ଯୋଗାଉଥିଲେ
ଆଖପାଖ ଲୋକ
ଭୋକିଲା ରହିଲେ
ଚିନ୍ତା ସେ କରୁ ନ ଥିଲେ।

କୋଟି କୋଟି ଇଟା
ଲାଗିଲା ସେଥିରେ
ମୁକ୍ତ ହସ୍ତେ ଖର୍ଚ୍ଚ ହେଲା
ଏକ ହଜାର ଟନ
ମାର୍ବଲ ଲାଗିଲା
ମହଲ ସୁନ୍ଦର ହେଲା।

ରାଜସ୍ଥାନ ଠାରୁ
ମାର୍ବଲ ଆସିଲା
ହାତୀ ହେଲେ ନିୟୋଜିତ
ପ୍ରେମର ପ୍ରତୀକ
ଏ ତାଜମହଲ
ସ୍ମୃତି ପାଇଁ ପ୍ରାୟୋଜିତ।

**ଅବଶିଷ୍ଟ ଅଂଶ ପରବର୍ତ୍ତୀ ପୃଷ୍ଠାରେ...**

ବୟାଳିଶ ଏକର
ଜମି ପରେ ହେଲା
ମମତାଜଙ୍କର ସ୍ମୃତି
ମାର୍ବଲ ଉପରେ
ଖୋଦିତ ହୋଇଛି
ପାତ୍ରିକ କଳାର କୃତି।

ଷୋଳ ଶହ ଆଉ
ଦଶ ମସିହାରେ
ସୁରୁ ହେଲା ଏହି କୀର୍ତ୍ତି
ବତିଶ ସାଲରେ
ଶେଷ ହୋଇଥିଲା
ରହିଗଲା ଏକ ସ୍ମୃତି।

ଷୋଳ ଶହ ଆଉ
ସତଷଠୀ ସାଲେ
ପୁତ୍ର କଲା ତାଙ୍କୁ ବନ୍ଦୀ
ସାତ ବର୍ଷ ଯାଏ
ଚାହିଁ ସେ କୀର୍ତ୍ତିକୁ
ଆଖି ଦେଇଥିଲେ ମୁଦି।

ସାରା ଜଗତରେ
ସପ୍ତାଶ୍ଚର୍ଯ୍ୟ ହୋଇ
ମୁଣ୍ଡ ସେ ଟେକିଛି ଆଜି
ସପ୍ତମ ଆଶ୍ଚର୍ଯ୍ୟ
ନାଆଁ ରହିଗଲା
ପ୍ରେମର ସନ୍ତକ ସାଜି।

ତିରିଶ ବରଷ
ଶାସନ ଭିତରେ
କେତେ ଭଲ କାମ କଲେ
"ସାମ ମୋ ଜୁତା ଦେଲା"
କହି ପିଲାମାନେ
ଇତିହାସ ଘୋଷୁଥିଲେ।

ଯାହା କଲେ ସିଏ
କାରିଗରଂକର
ହାତଗୁଡା କାଟିଦେଲେ
ଏଭଳି ମହଲ
ଆଉ ଗୋଟେ ହେବ
କେବେ ସେ ଚାହିଁ ନ ଥିଲେ।

*******
ସାମ ମୋ ଜୁତା ଦେଲା
******
ସା.. ସାହାଜାନବାଦ
ମ.. ମୟୂର ସିଂହାସନ
ମୋ.. ମୋତି ମସଜିଦ
ଜୁ... ଜୁମା ମସଜିଦ
ତା.. ତାଜମହଲ
ଦେ...ଦେୱିନିଖାସ,ଦେୱିନିୟମ
ଲା.. ଲାଲକିଲ୍ଲା

ନିର୍ମାଲ୍ୟ

# କ୍ରୋଧ ରାକ୍ଷସ



**ସୂର୍ଯ୍ୟକାନ୍ତି ଦାଶ**

କ୍ରୋଧ ରାକ୍ଷସ
ଚିତ୍ତ କରିଲେ ବଶ
ବିବେକ ନାଶ
କ୍ଷତିରେ ହୁଏ ଶେଷ
ଉଦାହରଣ
ପଞ୍ଚବଟିର ବନ
ସୁନା ହରିଣ
ଶରାଘାତ ବହନ
କମ୍ପେ ଗଗନ
ଡାକେ ତ୍ରାହି ଲକ୍ଷ୍ମଣ
ବୈଦେହୀ ମନ
ଚପଳା ଯେହ୍ନେ ଘନ
ଡାକି ଲକ୍ଷ୍ମଣ
ରାମ ବିପଦେ ଶୁଣ
ଲକ୍ଷ୍ମଣ ହସି
କୁଟୀର ମଧ୍ୟେ ବସି
ବୀରରେ ଶ୍ରେଷ୍ଠ
ତାଙ୍କୁ ଦେବ କେ କଷ୍ଟ
ଶୁଣି ବୈଦେହୀ
କମ୍ପିତ କ୍ରୋଧ ବହି
କହିବା କଥା
କ୍ରୋଧଲବ୍ଧ ହୀନସ୍ତା
ରାଗଜର୍ଜର
ପର୍ଶୁରାମ ପ୍ରବର
ଏ କେଡେକଥା
କରିଲେ ମାତୃ ହତ୍ୟା
ଧ୍ରୁବ ଚରିତ
ହିରଣ୍ୟାକ୍ଷ କ୍ରୋଧିତ
ଭାଙ୍ଗିଲା ଖମ୍ବ
ନୃସିଂହ ଭାଙ୍ଗି ଦମ୍ଭ
ଲଭିଲା ମୃତ୍ୟୁ
ନିଜର କ୍ରୋଧ ହେତୁ
ସବୁରି ହିତ
କ୍ରୋଧ କଲେ ଆୟତ ।

ଓଗାଳପଡା, ଜଟଣୀ, ଖୋର୍ଦ୍ଧା

# ଦେବଭୂମି ଉତ୍ତରାଖଣ୍ଡ

## ବୀଣାପାଣି ଦେବୀ

ଦେବଭୂମି ଅଛି ଉତ୍ତରାଖଣ୍ଡରେ
ବୁଲିବାକୁ ଯାଇଥିଲି
ଦେବତାଙ୍କର ସେ ଦିବ୍ୟାନୁଭବକୁ
ମର୍ମେ ଅନୁଭବ କଲି
ବଦ୍ରିନାଥ ଧାମ ମନର ବିସ୍ମୟ
ଚର୍ମ ଚକ୍ଷୁ ଭରିଗଲା
ପ୍ରକୃତି ରାଣୀର ନୈସର୍ଗୀକ ଶୋଭା
ସତେ ଆନମନା କଲା
ବିଭିଷଣ ପୁଷ୍ପେ ବିଭୁଷିତା ହୋଇ
ଶୋଭାର ପସରା ନେଇ
ପଥିକମାନଙ୍କୁ ଆକ୍ରୁଷ୍ଟ କରୁଛି
କ୍ଲେଶ ଯାଏ ଦୁର ହୋଇ
ଦେବତାଙ୍କର ସେ ନିତ୍ୟ ରାସସ୍ଥଳି
ସତେକି ସୁଧର୍ମା ସଭା
କଳ କଳ ହୋଇ ଗଙ୍ଗା ଯାଏ ବହି
ଆହା କେଡେ ମନ ଲୋଭା

ମର୍ତ୍ତ୍ୟ ମନ୍ଦାକିନୀ ଚିର ସ୍ରୋତସ୍ବୀନୀ
ନାମ ତା'ର ଭାଗିରଥୀ
ମାନବ ଜାତିର ପାପ ଧୋଇ ଦେଇ
ସଭିଙ୍କୁ ଦେବ ମୁକତି
ପଥ ପ୍ରାନ୍ତେ ଶୀଳା ତପସ୍ବୀ ପରାଏ
ନିରବ ତପସ୍ୟା ରତ
କେଉଁ ଯୁଗାଦୀରୁ ଯୁଗଯୁଗ ଧରି
ରହିଛନ୍ତି ଏହି ମର୍ତ୍ତ୍ୟ
ବଦ୍ରିନାଥ ଧାମେ ନରନାରାୟଣ
ଅଛନ୍ତି ସତ୍ୟଯୁଗରୁ
ବଦ୍ରି ବିଶାଳ ନାମେ ସେହି ଖ୍ୟାତ
କଳିଯୁଗେ ପୂଜା କରୁ
ଦରଶନ କରି ମୁଣ୍ଡିଆ ମାରିଲି
ମାଗିଲି ଅନେକ କିଛି
ବିଶ୍ୱବାସୀ ଦୁଖ ଦୁର କରିଦିଅ
ସଭିଏ ଲଭନ୍ତୁ ଶାନ୍ତି ।

ବାଣପୁର, ଖୋର୍ଦ୍ଧା

# କାର୍ତ୍ତିକ ମାସ



**କାହ୍ନୁ ଚରଣ ମିଶ୍ର**

କାର୍ତ୍ତିକ ମାସଟି ଧରମ ମାସରେ
ମାସଙ୍କ ମଧ୍ୟରେ ବଡ଼
ହରିହରଙ୍କର ଯାତରା ହୁଅଇ
ଦେଖିବାକୁ ଲାଗେ ଭିଡ।
ଜଗାକୁ ଦେଖିବା ପାଇଁକି ଲାଗଇ
ପୁରୀରେ ବଡ଼ ଗହଳ
କାହୁଁ କେତେ ଭକ୍ତ ହେଇଯାନ୍ତି ରୁଣ୍ଡ
ମନ୍ଦିର ପଡ଼େ ଚହଳ ।
ରାଇ ଦାମୋଦର ବେଶ ସାଜିଥାନ୍ତି
ପ୍ରଭୁ ଶ୍ରୀ ଚକାନୟନ
ରାଜ ରାଜେଶ୍ୱର ବେଶକୁ ଧାରନ୍ତି
କାର୍ତ୍ତିକ ପୂର୍ଣ୍ଣିମା ଦିନ ।
ସୋମବାର ବେଢ଼ା ପ୍ରତି ସୋମବାରେ
ହୁଏ ଶିବଙ୍କ ମନ୍ଦିରେ
ବଡଓଷା ପର୍ବ ଭିଡ ଜମିଯାଏ
ଧବଳେଶ୍ୱରଙ୍କ ପୀଠରେ ।
ଅଁଳା ନବମୀରେ ରାଧାପାଦ ଦର୍ଶନ
ହୁଏ ସାକ୍ଷୀଗୋପାଳରେ
ସେଥିପାଇଁ ଭିଡ ଦେଖିବାକୁ ମିଳେ
ବରଷକ ମଧ୍ୟେ ଥରେ ।

ବୃନ୍ଦାବତୀ ମୂଳେ ସୁନ୍ଦର ଚିତାଟି
ପଡ଼େ ପଞ୍ଚ ମୁରୁଜରେ
ମା' ମାଉସୀଏ କରନ୍ତି ହବିଷ
ମାସଟି ଯାକ ନିଷ୍ଠାରେ ।
ଆକାଶ ଦୀପଟି ଉଠେ ସନ୍ଧ୍ୟା ବେଳେ
ବନ୍ଧା ହୁଏ ବାଉଁଶରେ
ଦପଦପ ହୋଇ ଜଳେ ରାତି ସାରା
ଛୋଟ ଆଟିକା ଭିତରେ ।
କାର୍ତ୍ତିକ ପୂର୍ଣ୍ଣିମା ପବିତ୍ର ଦିବସେ
ବୋଇତ ବନ୍ଦାଣ ହୁଏ
ଆମ ଉତ୍କଳର ଏ ନୌବାଣିଜ୍ୟର
ପରମ୍ପରାକୁ ସୁଚାଏ ।
ହିନ୍ଦୁ ଧରମରେ ମାସଟି ମହାନ
ପୁରାଣ ଶାସ୍ତ୍ରରୁ ଶୁଣି
ଆମିଷ ଭକ୍ଷଣ ଛାଡନ୍ତି କେତେକ
କାର୍ତ୍ତିକ ମାସକୁ ଜାଣି ।

**ଟାଙ୍ଗି, ଖୋର୍ଦ୍ଧା**

# ଫେରି ଆସନ୍ତା କି ସେ ପିଲାଦିନ

ନୀହାରିକା ପଣ୍ଡା

ଫେରି ଆସନ୍ତା କି ସେ ପିଲା ଦିନ
ଶିଶୁଙ୍କ ସାଥୀରେ ମୋ' ଶିଶୁ ମନ
ଆକଟ ଥାଆନ୍ତା ବାପାଙ୍କ ମୋର
ଗେହ୍ଲା କରୁଥା'ନ୍ତେ ମାଆ ମୋହର
ଲୁଚି ଖେଳୁଥାନ୍ତି ମୁଁ ଲୁଚକାଳି
ଆମ୍ବତୋଟା ଆଉ
ନଈକୂଳ ପଠା
ଗପସପ ସାଙ୍ଗ ସୁଖର ମେଳି।

ବସ୍ତାନିରେ ଧରି ସିଲଟ ଖଡି
'ଅ' ଠାରୁ 'କ୍ଷ' ବସନ୍ତି ପଢି
ହଜାଇ ଦିଅନ୍ତି ଜ୍ୟାମିତି ବାକ୍ସ
କାନ ମୋଡି ଦିଦି କହନ୍ତେ ବସ
ଫୁଟାନ୍ତି ପୂଜାରେ ତାଳ ଫୋଟକା
ଝୁରୁଝୁରି ବାଣ
ସିରି ସିରି ହୋଇ
କରିଦେଉଥା'ନ୍ତା ହଠାତ୍ ବୋକା।

କରନ୍ତି କଣ୍ଢେଇ ବାହାଘରଟି
ବୋଉକୁ ମିଛରେ କହନ୍ତି ଛୁଟି
ଆଣ୍ଠେଇ ବସନ୍ତି ଗଲେ ଡେରିରେ
ଗୋଡି ଦେଇଥାନ୍ତି ଆଣ୍ଠୁ ତଳରେ
ଚକ କଳ ଅଖ ନଖ ଓ ନଈ
ଲେଖିବା ବେଳରେ
ନଖ କାମୁଡିଣ
ଦେଖାଉଥାଆନ୍ତି କେତେ ଯେ ଛଇ।

ଲୁଚାନ୍ତି ଜେଜେଙ୍କ ବଙ୍କୁଲି ବାଡି
ଗାଳି କରନ୍ତେ ସେ ଦାନ୍ତ କାମୁଡି
ବାଲିରେ ଗଢନ୍ତି ବିଲେଇ ଗାତ
ପିଠି ଥାପୁଡାନ୍ତା ଜେଜେମା' ସତ
ନାଲି ଗାମୁଛାଟେ କାନ୍ଧରେ ଧରି
ସଢେଇ ଚୂଲିରେ
ରନ୍ଧାରନ୍ଧି କରି
ରାନ୍ଧୁଥାନ୍ତି ଆହା ମୁଁ କ୍ଷୀରି ପୁରି!

ବାବୁଲି ଭାଇର ସେ ଦହିବରା
ଖଟା ଟିକେ ଖାଇ ମାରି ଟାକରା
ସାଙ୍ଗସାଥୀ ସହ କଟି ପକାନ୍ତି
ଗୁଲି ଗପ ମାରି ଖଟି କରନ୍ତି
ଧରନ୍ତି ବୁଲି ମୁଁ ପରଜାପତି
ଜେଜେ ଡାକୁଥା'ନ୍ତେ
ବଣ ବିଛୁଆତି
ଚିକୁନୁଟା ଆମ ଚଗଲା ଅତି।

ରାକମା, ଭାପୁର, ନୟାଗଡ଼

# କୁମାର ପୂର୍ଣ୍ଣମା



**ବାସନ୍ତୀ ଦେଇ**

ଆଶ୍ୱିନ ମାସରେ ପୂର୍ଣ୍ଣମା ତିଥିରେ
କୁମାର ଉତ୍ସବ ପର୍ବ ପାଳନ,
ଦେବୀ ଉମାପତି କଇଳାସ ପତି
କାର୍ତ୍ତିକେୟ ତାଙ୍କ ଅଗ୍ର ସନ୍ତାନ ।୧।

କିମ୍ବଦନ୍ତୀ ଅଛି କୁମାର ପୂର୍ଣ୍ଣମା
ପ୍ରାତେଃ ସ୍ନାନ ସାରି କୁମାରୀ କନ୍ୟା,
ନିଷ୍ଠା ଭକ୍ତି ଭରେ କୁମାର ପୂଜିଲେ
ମନ ଲାଗି ବର ମିଳଇ ସିନା ।୨।

ତୁଳସୀ ଦେବୀ ସେ ପତିବ୍ରତା ନାରୀ
ବୃକ୍ଷ ରୂପେ ହୋଇଥାଏ ପୂଜିତା,
ବିବାହିତା ନାରୀ ଅନୁଢା କୁମାରୀ
ତୁଳସୀ ପୂଜାରେ ମତି ରଖିଥା ।୩।

ଲିପାପୋଛା କରି ଚଉରା ମୂଳକୁ
ମୁରୁଜରେ କରି ନାନା ଚିତ୍ରିତ,
ପିଢ଼ା ପରେ ଗୁଆ ବରକୋଳି ପତ୍ର
ଦୁବ ଫୁଲ ଦେଇ ହୁଏ ସଜ୍ଜିତ ।୪।

ଚଉରା ପାଖରେ କଳସ ସ୍ଥାପନା
ତୁଳସୀଙ୍କୁ ଶଂଖା ବସ୍ତ୍ର ପିନ୍ଧାଇ,
ଜୀବନ ସାଥୀର ମଙ୍ଗଳ ମନାସି
କୁମାରୀ ଭକ୍ତିରେ ପୂଜା କରଇ ।୫।

ନବବସ୍ତ୍ର ପିନ୍ଧି ସୂର୍ଯ୍ୟ ଉଦ୍ଦେଶ୍ୟରେ
ଆଞ୍ଜୁଳା ଟେକାର ବିଧି ପାଳିତ,
ଗୁଆ ଓ ନଡିଆ କଦଳୀ କମଳା
ଖଇ, ଜହ୍ନି, କଷି କାକୁଡ଼ି, ଆତ ।୬।

ସଞ୍ଜ ଆଗମନେ ଚନ୍ଦ୍ରମା ଉଇଁଲେ
ଚାନ୍ଦ ଚକଟା ହୁଅଇ ପ୍ରସ୍ତୁତ,
ନଡିଆ କଦଳୀ ଛେନା ଦହି ଖିର
ଗୁଡ ଅଦା ମହୁ ଘିଅ ମିଶ୍ରିତ ।୭।

ଶଂଖ ହୁଳହୁଳି ପଡଇ ଉଛୁଳି
ଚନ୍ଦ୍ରମାଙ୍କୁ ଚାନ୍ଦ ଅର୍ପଣ ହୁଏ,
ବନ୍ଦାପନା କରି କୁମାରୀ ବାଳିକେ
ମନ ଲାଖି ବର ମନାସି ଥାଏ ।୮।

ଗାଆଁ ଗହଳିରେ କୁଆଁରୀ ବାଳିକେ
ଗୀତ ଗାଇ ପୁଚି ତାସ୍ ଖେଳନ୍ତି,
ନବବିବାହିତା ଝିଅ ଓ ଜୋଇଁଙ୍କୁ
ନିମନ୍ତ୍ରିଣ ଉପହାର ଦିଅନ୍ତି ।୯।

କୁଆଁର ପୁନେଇ ଜହ୍ନ ଗୋ ସଙ୍ଗାତ
ପୁଣି ଖେଳିବାକୁ ମନ ଅଧିର,
କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ
ପରମ୍ପରା ଓଡ଼ିଶା ସଂସ୍କୃତିର ।୧୦।

**ମହାବୀର କଲୋନୀ, ନବିନାବାଗ, ଖୋର୍ଦ୍ଧା**

# ମାଆ ଆସୁଛି

**ସତ୍ୟନାରାୟଣ ସିଂହ**

କାଶତଣ୍ଡି ଫୁଲ କହିଛି ମୋ କାନେ
 ମାଆ ଏ ଧରାକୁ ଆସୁଛି
ଦୁଃଷ୍ଟକୁ ମାରିବ ସନ୍ଥକୁ ପାଳିବ
 ଧରିତ୍ରୀ ଅପେକ୍ଷା କରିଛି
ମେଘ ମୁକ୍ତ ଆଜି ହୋଇଛି ଆକାଶ
 କୁସୁମ କଳିକା ଫୁଟୁଛି
ରଙ୍ଗ ସଜବାଜ ଦୋକାନ ବଜାର
 ସୁଶୋଭିତ ଦେଖା ଯାଉଛି
କମିଅଛି ବନ୍ୟା ଲୋକଙ୍କ ଦୁର୍ଦଶା
 ହସ ଲିଭିଅଛି ମୁଖରୁ
ଆସ ଦୟାମୟୀ କର ମାଆ କରୁଣା
 ଦୁଃଖ ଦୁରହେଉ ଦେଶରୁ
ମୁଖେ ସଭିଙ୍କର ଫୁଟିଉଠୁହସ
 ବନ୍ୟା କଷ୍ଟ ଯାଉ ଦୁରେଇ
ଧର୍ମର ଜୟ ହେଉ ଏ ଦେଶରେ
 ଅଧର୍ମକୁ ଦେବୁ ହରେଇ
କରିବୁ କରୁଣା ଜଗତ ଜନନୀ
 ଅଳି ଅନୁରୋଧ ରଖିବୁ
ପଦରେ ଶରଣ ଦେବୁ ଦୟାମୟୀ
 ସଭିଙ୍କର ଦୁଃଖ ଧୋଇବୁ

**ପିପିଲି, ପୁରୀ**

# ମା' ଜଗତଜନନୀ ଆଦିଶକ୍ତି

**ଶ୍ରୀ ପ୍ରଭୁ ଚରଣ ପତି**

ଆଶ୍ୱିନ ଆକାଶ, ନୀଳ ନିର୍ମଳ ନୟନେ
ଚାହିଁ ରହିଛି ମା' ର ଆଗମନକୁ ....
ବନରୁ ଗିରୀ, ପୁରରୁ ପଲ୍ଲୀ ସବୁଠି
ସ୍ନିଗ୍ଧ ଶାନ୍ତ ବାତାବରଣ ....

ନଦୀପଠା ବାଲିର ଧାରେ ଧାରେ
ଧୀର ମନ୍ଥର ଗତିରେ
ଦୋଳାୟମାନ କାଶତଣ୍ଡୀ ଫୁଲ ....
ସତେ ଯେମିତି ସ୍ୱାଗତ ଜଣାଉଚି
ମା' ଜଗତଜନନୀ ଆଦିଶକ୍ତିଙ୍କୁ ...

ଆଉ ଶରତ ! ସାରଦୀୟ ସମ୍ଭାବନାକୁ
ଆହୁରି ସୌନ୍ଦର୍ଯ୍ୟ ମୁଖରିତ କରିବାକୁ
ପ୍ରକୃତିର ଚାରୁ ଚିତ୍ରକଳା ତୁଳୀ ଧରି ....
ଅବାସ୍ତବକୁ ବାସ୍ତବ ରୂପରେଖ ଦେଉଛି ...

ଆଜି ମର୍ତ୍ତ୍ୟଲୋକରୁ ଦେବଲୋକ
ସଭିଏଁ ଉନ୍ମୁକ୍ତ ଉଦଣ୍ଡ ନୃତ୍ୟ କରୁଛନ୍ତି ....
ସବୁ ଶଙ୍କା ଆଶଙ୍କାର ଅବସାନ ଘଟାଇ
ଦୃଷ୍ଟ ଦୈତ୍ୟଙ୍କୁ ବିନାଶ ପାଇଁ ମା' ଆସୁଛି .....

ହଁ ହଁ ...ମା' ଆସୁଛି ..ସନ୍ତାନର ଦୁଃଖ କଷ୍ଟ ଦେଖି
କୋଉ ମା' କ'ଣ ଶାନ୍ତିରେ ରହିପାରେ??
ଜଗତରୁ ପାପର ଭାର ଦୂର କରି
ସତ୍ୟ, ଶାନ୍ତିର ସ୍ଥାପନା ପାଇଁ, ମୋ' ମା' ଆସୁଛି ....

**ସାହାଡ଼ାପଡା, ବଳଙ୍ଗା, ପୁରୀ**

# ଆନନ୍ଦ ମାର୍ଗ



**ପଦ୍ମନାଭ ପାଣିଗ୍ରାହୀ**

ହୃଦୟରେ କର ପ୍ରଜ୍ୱଳିତ
ପ୍ରେମର ଆଲୋକ
ଧ୍ୟାନ କର ପରମ ପୁରୁଷେ
ପାନ କର ନାମର ଅମୃତ ପିୟୁଷ
ନିରନ୍ତର ସତ୍ୟର ଅନ୍ୱେଷଣେ
ଖୋଲିଯିବ ଆନନ୍ଦର ମାର୍ଗ
ଏକ ହୋଇଯିବ ଈଶ୍ୱରଙ୍କ ସହ
ପ୍ରାପ୍ତ ହେବ ସ୍ୱର୍ଗୀୟ ପରମାନନ୍ଦ
ସମସ୍ତ ଭ୍ରାନ୍ତି ସନ୍ଦେହ
ମନୁ ହୋଇଯିବ ଦୂର
ମୁଁ, ମୋର, ଈର୍ଷା, ଗର୍ବର
ବୀଜ ହୋଇଯିବ ନଷ୍ଟ
ଖୋଲିଦିଅ ମନ ମନ୍ଦିର କବାଟ
ଅନ୍ତର୍ଚେତନାରେ ମାନସ ଦୃଷ୍ଟିରେ
ଲକ୍ଷକର ନିତ୍ୟ ଶାଶ୍ୱତ ବ୍ରହ୍ମକୁ

**ବନମାଳୀ କଲୋନୀ**
**ଜଟଣୀ, ଖୋର୍ଦ୍ଧା**

# ମାଆ ମୋତେ ଚାହିଁ ଦି



**ବାବାଜୀ ଚରଣ ଜେନା**

ବେଦନା ଭରାଏ ହୃଦୟରେ ମୋର
ଖୁସି ଟିକେ ଭରି ଦିଅ
ଲୁହ ଭିଜା ଦୁଇ ନୟନରୁ ମୋର
ଅବସାଦ ପୋଛିଦିଅ

ବେଦନା ଭରାଏ....।୦।
ମହୁଥିଲା ବେଳେ ମହୁମାଛିମାନେ
ଉଡୁ ଥିଲେ ଆସି କେତେ
ମହୁ ସରିବାରୁ ଉଡି ଚାଲିଗଲେ
ଏକାକରି ଦେଇ ମୋତେ
ମାୟାରୁ ମୁକାଳି ନେଏ ମହାମାୟି
ତୁଟାଇମୋ ଭବଭୟ
ବେଦନା ଭରାଏ....।୧।
ଏତେ ଅଭିଯୋଗ ଏତେ ଅଭିମାନ
ଶୁଣୁ ଥିବି ଆଉ କେତେ
ସହିବାର ଗୋଟେ ସୀମାରେଖା ଅଛି
ସହୁ ଥିବି ମାଆ କେତେ
ହାତପାତି ମାଗେ କରୁଣା ପ୍ରସାଦ
ଝୁଲିରେ ମୋ' ଭରିଦିଅ
ବେଦନା ଭରାଏ....।୨।

**ଅହଲ୍ୟା ନିବାସ**
**ପୋପରଡା, ନୂଆବଜାର, କଟକ**

# ଆଶା ଓ ନିରାଶା

## ସାରଙ୍ଗଧର ଷଡ଼ଙ୍ଗୀ

ଆଶା, ନିରାଶାର
ମଝିରେ ଥାଇ ମୁଁ
କାଟୁଅଛି ମୋ'ର ଦିନ ,
କେବେ ଭଲ ଦିନ
ଫେରିବ ଜୀବନେ
ସତ ହେବ ମୋ' ସପନ ।

ଜୀବନଟା ସାରା
ଝଡ଼ଝଞ୍ଜା ଭରା
କେବେ ଖରା ଛାଇ ଖେଳ,
ସୁଖରେ ଦୁଃଖରେ
ଭାଗୀ ହେବାପାଇଁ
ପାଉନାହିଁ ଟିକେ ବେଳ।

କ୍ଲାନ୍ତ ଅବସନ୍ନ
ହୋଇବି ଆଗକୁ
ଚାଲିବାକୁ ନାହିଁ ଡର ,
ଜୀବନର ରାସ୍ତା
କେବେ କଣ୍ଟକିତ
କେବେ ପଲ୍ଲବୀତ
ବିଭୁ ପଦେ ଆଶ୍ରା କର ।

ବଞ୍ଚି ଥିବା ଯାଏଁ
ଆଶା ବାନ୍ଧୁଥାଏ
ସୁସ୍ଥ ରହିବାକୁ ମନ,
ଯେତେ ଯାଉଅଛି
ଆଗକୁ ଆଗକୁ
ରାସ୍ତା ଲାଗେ ଅନ୍ତହୀନ ।

# ଦେଖୁଥିବା କିଛି ସ୍ୱପ୍ନ



## ତ୍ରିଲୋଚନ ଦାସ

ଅଙ୍ଗେ ନିଭା କିଛି କଥା ଛାତି ତଳୁ ନେଇ ବ୍ୟଥା
ଲେଖିବାକୁ ଭାରି ଇଚ୍ଛା କବିତା
ଦେଖୁଥିବା କିଛି ସ୍ୱପ୍ନ ବାନ୍ଧୁଥିବା କିଛି ଖୁସି
ଭରିବାକୁ ଜୀବନରେ ପୂର୍ଣ୍ଣତା।

ବାସ୍ତବତା ଚିତ୍ର ଫୁଟେ ମମତାଙ୍କ କବିତାରେ
ଗିରିଜା ଭାଇଙ୍କ ସୃଷ୍ଟି ନିଆରା
ଯମେଶ୍ୱର ମଉସା ହିଁ କବିତାର କଳ୍ପଲତା
ସବୁ ଋତୁ ମଳୟର ଫୁଆରା।

ମନ ଉଡେ ଫରଫର ଡାଏରିରୁ ପଢିଦେଲେ
ରମେଶ ସାରଙ୍କ ପ୍ରେମ କବିତା,
ପୂର୍ଣ୍ଣ ଦାସ ଏକପଦୀ, ଦୋସମାଳି ସତ୍ୟବାଦୀ,
ସୂର୍ଯ୍ୟ ଭାଇ ଭିଜାସ୍ୱର ନିରୁତା।

ସକାଳର ଚାଆ ସାଥେ ଲାଗେ ଭାରି ସୁଆଦିଆ
ସୁନୁଭାଇ ମିଠା ଗଳ୍ପ ଗଜଲ୍,
ସ୍ମୃତି ଯେବେ ଜାଗି ଉଠେ ନିଶିକାନ୍ତ ଗୀତ ଶୁଣେ,
ଭଲ ଲାଗେ ଭାଗିରଥି ସଜଲ୍।

ମିଶ୍ର ସତ୍ୟ ଦେଇପାରେ ସମାଧିରୁ ମାଟି ଖୋଳି,
ସୁରଞ୍ଜନ ଗୀତିକାବ୍ୟ ସୁନ୍ଦର,
ଦିବାକର ସଜଫୁଲ, ବାସନ୍ତୀ ଅପାଙ୍କ ଗୀତି
ମନଜିଣା ବରଷାର ନୂପୁର।

ଅମାନିଆ ଢେଉ କେବେ ଶିହରାଏ ତନୁମନ
ସଚ୍ଚିଭାଇ ଲେଖନୀର ମୁନରେ,
ମହମହ ବାସିଉଠେ ବଛା ବଛା ବଣମଲ୍ଲୀ
ଲକ୍ଷ୍ମୀନାରାୟଣଭାଇ ଛାତିରେ।

ଶ୍ରୀବିହାର, ଖୋର୍ଦ୍ଧା

# ଦୀପ



## ଯମେଶ୍ୱର କହଲସିଂହ

ସଞ୍ଜ ନଇଁଗଲେ
ଚଉରା ମୂଳରେ
ବୋଉ ସଞ୍ଜଦୀପ ଜାଳେ
ସନ୍ତାନ ସୁଖ
ଦେଖିବା ପାଇଁକି
କେତେ ଆଶା ମନତଳେ,
ମାଆ ତ ମମତାମୟୀ.......
ଏଇ ଦୁନିଆରେ
ବେଶୀ ଆପଣାର
ମାଆ ପରି କେହି ନାହିଁ.....।।

ଦେଉଳର ବେଢା
ମହକି ଉଠଇ
ଜଳୁଥିଲେ ଘିଅ ଦୀପ
ସବୁଲାଗେ ଖାଲି
ଈଶ୍ୱର ଈଶ୍ୱର
ଅପସରି ଯାଏ ପାପ,
ଭକତେ ଭାବରେ ଭୋଳ.....
ଦୀପ ଆଲୁଅରେ
ହସିହସି ଆସେ
ସୁଖର ନୂଆ ସକାଳ......।।

ପୁଣ୍ୟ କାର୍ତ୍ତିକରେ
ଆକାଶଦୀପର
ଶିଖାରେ ମହକ ଥାଏ
ନବବଧୂ ଗୃହେ
ପାଦ ଥାପୁଥାପୁ
ଦୀପେ ବନ୍ଦାପନା ହୁଏ,
ଦୀପଠୁ ପବିତ୍ର କିଏ......
ବାସର ରାତିରେ
ଦୀପ ସାକ୍ଷୀ ରଖି
ଦୁଇ ମନ ଏକ ହୁଏ.......।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ତୁମ ବିନା



**ନିଶିକାନ୍ତ କହଲସିଂହ**

ତୁମ ଗୀତ ଶୁଣିବାକୁ
ଡାକିଥିଲି କୋଇଲିକୁ
କହିଥିଲି - କୋଇଲି ଲୋ !
ଗାଇଦେ ତୁ ଛନ୍ଦ ତୋଳି
ପୂରିବ ମୋ' ମନର ବାସନା....,
ହେଲେ, ତୁମବିନା -
କୋଇଲି ଗାଇବ କିବା
ବସନ୍ତ ତ ଧରାକୁ ଆସେନା ....||

ତୁମ ନାଚ ଦେଖିବାକୁ
ଡାକିଥିଲି ମୟୂରକୁ
କହିଥିଲି - ମୟୂର ରେ !
ଦେଖା ତୋ' ଅପୂର୍ବ ଠାଣି
କଟିଯାଉ ସକଳ ଯାତନା.....,
ହେଲେ, ତୁମବିନା -
ମୟୂର ନାଚିବ କିବା
ନିଦାଘର ଝାଞ୍ଜି ତ ସରେନା......||

ତୁମ ବିନା ମିଛ ଲାଗେ
ତୁମବିନା ତୁଚ୍ଛ ଲାଗେ
ତୁମ ବିନା ନିର୍ଜୀବ ମୁଁ
ପ୍ରିୟତମା ! ମୋ' ପାଶେ ଆସନା,
ସଖୀ ! ତୁମବିନା ,
ସବୁ ଲାଗେ ବିଷ ମୋ'ତେ
ସବୁଲାଗେ ଅସନା ଅସନା......||

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା

# ଆମ କବିତା

Volume : I • Issue : 10 • October 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ




ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ

M-1/5, M.P.Housing Board Colony
Post: P.N.College, Dist: Khordha, State: Odisha, Pin: 752057
+91-9437281655, Email : amarisatya@gmail.com